# "ମମତା" ନିର୍ଦ୍ଦେଶାବଳୀ

## ୧.    ଉପକ୍ରମ

ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ, ମା'ର ପୁଷ୍ଟି ଉପରେ ବିଶେଷ ଭାବରେ ନିର୍ଭର କରିଥାଏ । ଗର୍ଭାବସ୍ଥାରେ ମା'ର ପୁଷ୍ଟିର ପରିମାଣ କମ୍ ହେଲେ ଗର୍ଭସ୍ଥ ଭ୍ରୁଣକୁ ମଧ୍ୟ ସ୍ୱଳ୍ପ ପରିମାଣର ପୁଷ୍ଟି ମିଳେ ଓ ପରିଣାମ ସ୍ୱରୂପ ସ୍ୱଳ୍ପ ଓଜନ ବିଶିଷ୍ଟ ଶିଶୁଟିଏ ଜନ୍ମ ହୁଏ (ମୁଖ୍ୟତଃ ଶିଶୁ ପୂର୍ଣ୍ଣ ପ୍ରାପ୍ତ ପୂର୍ବରୁ ଜନ୍ମ ବା ଗର୍ଭସ୍ଥ ବୃଦ୍ଧି ନ୍ୟୁନତା ଯୋଗୁଁ) । ଅପପୁଷ୍ଟି ମହିଳାଙ୍କ କ୍ଷେତ୍ରରେ ୩୦ ରୁ ୪୦ ପ୍ରତିଶତ ଶିଶୁ ସ୍ୱଳ୍ପ ଓଜନ ବିଶିଷ୍ଟ ଶିଶୁ ହୋଇ ଜନ୍ମ ହୋଇଥାଆନ୍ତି (ବିଶ୍ୱ ସମ୍ବଳ ପ୍ରତିଷ୍ଠାନ, ୨୦୦୦) ।

ବିଭିନ୍ନ ଅଧ୍ୟୟନରୁ ଦେଖାଯାଇଛି ଯେ ସ୍ୱଳ୍ପ ଓଜନ ବିଶିଷ୍ଟ ଶିଶୁଙ୍କର ବଞ୍ଚିବା ସମ୍ଭାବନା  କମ୍ଥାଏ ଏବଂ ଯେଉଁମାନେ ବଞ୍ଚି ରହନ୍ତି, ସେମାନଙ୍କର ରୋଗ ସଂକ୍ରମଣ, ବୃଦ୍ଧି ନ୍ୟୁନତା ଏବଂ ମାନସିକ ଅନଗ୍ରସରତାର ଶିକାର ହେବା ସମ୍ଭାବନା ଅଧିକ ଥାଏ (ଲାନ୍‌ସେଟ୍ ସିରିଜ୍-୨୦୦୮) । ଗର୍ଭସ୍ଥ ଭ୍ରୁଣର ବୃଦ୍ଧି ନ୍ୟୁନତା ସ୍ୱଳ୍ପ ଓଜନ ବିଶିଷ୍ଟ ଶିଶୁ ଜନ୍ମ ନିମନ୍ତେ ଅଧିକ ସମ୍ଭାବନା ସୃଷ୍ଟି କରେ । ଏପରିକି ପ୍ରସବ ପରେ ଶରୀରର କ୍ଷୟ ପୂରଣ ହେବା ପୂର୍ବରୁ ମା'ମାନେ ପୁନଃ କାର୍ଯ୍ୟରତ ହେବା ଦ୍ୱାରା ମହଜୁଦ୍ ଥିବା ପୁଷ୍ଟିର ହ୍ରାସ ଘଟେ । ଏହା ଫଳରେ ନବଜାତ ଶିଶୁର ରୁଗ୍‌ଣତା ଏବଂ ନବଜାତ ଶିଶୁ ମୃତ୍ୟୁହାର ଅଧିକ ହୋଇଥାଏ ।

ଯଦିଓ ମାତୃ ମୃତ୍ୟୁ ହାର (ପ୍ରତି ୧ ଲକ୍ଷ ଜୀବିତ ଜାତରେ ୧୫୦ ମାତୃମୃତ୍ୟୁ) ଓ ଶିଶୁ ମୃତ୍ୟୁହାର [(ପ୍ରତି ୧ ହଜାର ଜୀବିତ ଜାତ ଶିଶୁରେ ୩୮ ଶିଶୁମୃତ୍ୟୁ) (SRS 2018)] ହ୍ରାସ କରିବାରେ ଓଡିଶା ଯଥେଷ୍ଟ ଅଗ୍ରଗତି କରିଛି, ତଥାପି Sustainable Development Goals (SDGs) ହାସଲ ନିମନ୍ତେ ଆହୁରି ଅନେକ କାର୍ଯ୍ୟ କରିବାକୁ ବାକି ଅଛି ।

ମା' ଓ ଶିଶୁମାନଙ୍କର ପୁଷ୍ଟିହୀନତା ସମସ୍ୟାକୁ ଦୂର କରିବା ନିମନ୍ତେ ଓଡ଼ିଶା ସରକାର (ମହିଳା ଓ ଶିଶୁ ବିକାଶ ବିଭାଗ) ଗର୍ଭବତୀ ଓ ପ୍ରସୂତି ମା' ମାନଙ୍କ ନିମନ୍ତେ **"ମମତା"** ନାମରେ ଏକ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିଛନ୍ତି । ଏହା ଏକ ସର୍ତ୍ତମୂଳକ ଅର୍ଥରାଶି ହସ୍ତାନ୍ତର ମାତୃ ମଙ୍ଗଳ କଲ୍ୟାଣ

ଯୋଜନା । ଏହି ଯୋଜନା ଗର୍ଭବତୀ ଓ ପ୍ରସୂତି ମା' ମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବ, ଯାହାଦ୍ୱାରା ସେମାନଙ୍କ ପାଇଁ ଉନ୍ନତ ପୁଷ୍ଟି ପାଇବା ତଥା ସ୍ୱାସ୍ଥ୍ୟକର ଅଭ୍ୟାସ ଗ୍ରହଣ କରିବା ସମ୍ଭବ ହୋଇପାରିବ ।

ସୁଶାସନର '5T' ର ମୂଳମନ୍ତ୍ରକୁ ଆଧାର କରି ମମତା ହିତାଧିକାରୀଙ୍କ ପଞ୍ଜୀକରଣ ଏବଂ ପ୍ରାପ୍ୟ ପ୍ରଦାନ ପାଇଁ ଏକ ଏମ୍ଆଇଏସ୍ (MIS) ଆଧାରିତ ମମତା ମୋବାଇଲ ଆପ୍ର ବ୍ୟବହାର କରାଯାଉଅଛି । ଏହା ଦ୍ୱାରା ମମତା ଯୋଜନାକୁ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବାରେ ସହଜ, ସ୍ୱଚ୍ଛ, ଏବଂ ସରଳ ହୋଇପାରିଛି ।

## ୨. "ମମତା" ଯୋଜନା

### ୨.୧ ଲକ୍ଷ୍ୟ –

- ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର କମାଇବାରେ ସହାୟକ ହେବ ।
- ଗର୍ଭବତୀ ମହିଳା, ପ୍ରସୂତି ମା' ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ପୁଷ୍ଟିର ସ୍ଥିତିରେ ଉନ୍ନତି ଆଣିବ ।

### ୨.୨ ଉଦ୍ଦେଶ୍ୟ –

- ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ଗର୍ଭାବସ୍ଥାରେ ଏବଂ ପ୍ରସୂତି ପରେ ଆଂଶିକ ମଜୁରୀ ହରାଇବା କ୍ଷତି ଭରଣା କରିବା ଦ୍ୱାରା ସେମାନେ ଆବଶ୍ୟକୀୟ ବିଶ୍ରାମ ପାଇପାରିବେ ।
- ଗର୍ଭାବସ୍ଥାର ଯତ୍ନ, ପ୍ରସବ ପର ଯତ୍ନ ଏବଂ ପ୍ରତିଷେଧକ ଟୀକା ଆଦି ମା' ଓ ଶିଶୁ ସ୍ୱାସ୍ଥ୍ୟ ସେବା ଗୁଡ଼ିକ ଅଧିକ ଗ୍ରହଣୀୟ ହେବ ।
- ଶିଶୁ ଓ ମା' ମାନଙ୍କର ଯତ୍ନ ଅଭ୍ୟାସ ବିଶେଷ କରି ଶିଶୁ ପାଇଁ କେବଳ ମା' କ୍ଷୀର ଏବଂ ଅନୁପୂରକ ଖାଦ୍ୟ ଭଳି ଶିଶୁ ଯତ୍ନ ଅଭ୍ୟାସରେ ଉନ୍ନତି ଆଣିବା ।

## ୩. ଧାର୍ଯ୍ୟ ହିତାଧିକାରୀ ଏବଂ ସାମୁହିକ ସ୍ଥିତି :-

ଏହି ଯୋଜନା ରାଜ୍ୟର ୩୦ ଜିଲ୍ଲାରେ ୩୩୮ ଗୋଟି ପ୍ରକଳ୍ପରେ କାର୍ଯ୍ୟକାରୀ କରାଯାଉଅଛି ।

ସରକାରୀ ଏବଂ ରାଷ୍ଟ୍ରାୟତ ସଂସ୍ଥାରେ କାର୍ଯ୍ୟକରୁଥିବା କର୍ମଚାରୀ ଏବଂ ସେମାନଙ୍କ ପତ୍ନୀମାନଙ୍କ ବ୍ୟତୀତ, ୧୯ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଗର୍ଭବତୀ ଓ ପ୍ରସୂତି ମହିଳା ୨ଟି ଜୀବିତ ଜାତ ସନ୍ତାନ ପର୍ଯ୍ୟନ୍ତ ଏଥିରେ ଉପକୃତ ହୋଇପାରିବେ । ସରକାରୀ ଆଦେଶନାମା ସଂଖ୍ୟା : ୧୦୨୨୬,

ତାରିଖ:୧୯.୦୬.୨୦୧୮ କିମ୍ବା ଅନ୍ୟ ଯେକୌଣସି ନିର୍ଦ୍ଦେଶନାମା ଅନୁସାରେ ୧୩ ଗୋଟି ଗୋଷ୍ଠୀର ଆଦିମ ଅଧିବାସୀ (Particularly Vulnerable Tribal Groups), PVTGs ମାନଙ୍କ ପାଇଁ କେବଳ ପ୍ରଥମ ୨ଟି ଜୀବିତ ଜାତ ସନ୍ତାନ ପାଇଁ ଏହି ନିୟମ କୋହଳ କରାଯାଇଛି । (ପରିଶିଷ୍ଟ ଅନୁଯାୟୀ)

ମମତାର ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ଅନୁଯାୟୀ, (ପରିଶିଷ୍ଟ-ଖ) ରେ ଦିଆଯାଇଥିବା ଫର୍ମାଟରେ ହିତାଧିକାରୀଙ୍କ ବକ୍ତବ୍ୟକୁ ଆଧାର କରି ଚାକିରୀର ସ୍ଥିତି ପୂରଣ ହେବ । କୌଣସି କ୍ଷେତ୍ରରେ ହିତାଧିକାରୀଙ୍କ ପ୍ରଦତ୍ତ ତଥ୍ୟ ମିଥ୍ୟା ପ୍ରମାଣିତ ହେଲେ ଆଇନତଃ ପ୍ରଦାନ କରାଯାଉଥିବା ସମସ୍ତ ଅର୍ଥ ତାଙ୍କ ଠାରୁ ପ୍ରତ୍ୟାହାର କରାଯିବ ।

## ୪. ହିତାଧିକାରୀ ପଞ୍ଜୀକରଣ:-

ସୁଶାସନର '5T' ର ମୂଳମନ୍ତ୍ରକୁ ଆଧାର କରି ମମତା ହିତାଧିକାରୀଙ୍କ ପଞ୍ଜୀକରଣକୁ କାଗଜ ଶୂନ୍ୟ, ଦ୍ୱନ୍ଦମୁକ୍ତ ଏବଂ ସମୟ ବଞ୍ଚାଇବା ପାଇଁ ମମତା ଏମ୍.ଆଇ.ଏସ୍ (MIS) ଆଧାରିତ ଏକ ମୋବାଇଲ୍ ଆପ୍ଲିକେଶନ୍‌ର ବ୍ୟବହାର କରାଯାଉଛି । ବର୍ତ୍ତମାନ ହିତାଧିକାରୀ ପଞ୍ଜୀକରଣ ପାଇଁ ମୋବାଇଲ୍ ଆପ୍ ବ୍ୟବହାର କରି ଅଙ୍ଗନୱାଡ଼ି କର୍ମୀ ଦ୍ୱାରା ବା ନିଜେ ହିତାଧିକାରୀ କିମ୍ବା ସାଧାରଣ ଜନସେବା କେନ୍ଦ୍ର ମାଧମରେ ପଞ୍ଜୀକରଣ କରିହେବ । ସେଥିପାଇଁ ବିସ୍ତୃତ ଭାବେ ନିମ୍ନରେ ଦିଆଯାଇଛି ।

### ୪.୧. ଅଙ୍ଗନୱାଡ଼ିକର୍ମୀ ଦ୍ୱାରା-

୪.୧.୧ ଏହି ଯୋଜନାରେ ସୁବିଧା ପାଇବା ପାଇଁ ଜଣେ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ଅଙ୍ଗନୱାଡ଼ିକେନ୍ଦ୍ର/ ମିନି-ଅଙ୍ଗନୱାଡ଼ିକେନ୍ଦ୍ରରେ ନାମ ପଞ୍ଜୀକରଣ କରିବାକୁ ପଡ଼ିବ ।

୪.୧.୨ ଏହି ଯୋଜନାର ସୁବିଧା ପାଇବା ପାଇଁ ଅଙ୍ଗନୱାଡ଼ିକେନ୍ଦ୍ରରେ ଗର୍ଭାବସ୍ଥାର ପ୍ରଥମ ୪ ମାସ ମଧରେ ସମସ୍ତ ଗର୍ଭବତୀ ମହିଳା ସ୍ୱାସ୍ଥ୍ୟକର୍ମୀ (ANM) ଓ ଅଙ୍ଗନୱାଡ଼ି କର୍ମୀଙ୍କ ପାଖରେ ପଞ୍ଜୀକରଣ କରିବା ଆବଶ୍ୟକ ।

୪.୧.୩ ବିଳମ୍ବରେ ଆସିଥିବା କୌଣସି ଗର୍ଭବତୀ ମହିଳାଙ୍କୁ ଗର୍ଭ ପଞ୍ଜୀକରଣ ପାଇଁ ମନା କରିହେବନାହିଁ । ଗର୍ଭାବସ୍ଥାରେ ଗର୍ଭବତୀ ମହିଳାଙ୍କୁ ସମସ୍ତ ଯତ୍ନ ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯିବ ।

୪.୧.୪ ପ୍ରତ୍ୟେକ ଗର୍ଭବତୀ ମହିଳା ଯେଉଁ ଅଞ୍ଚଳରେ ସାଧାରଣଭାବେ ବସବାସ କରୁଥିବେ (Ordinarily resides), କେବଳ ସେହି ଅଞ୍ଚଳର ଅଙ୍ଗନୱାଡ଼ି କେନ୍ଦ୍ର ବା ମିନି-ଅଙ୍ଗନୱାଡ଼ି କେନ୍ଦ୍ରରେ ନାମ ପଞ୍ଜୀକରଣ କରିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବେ । ଜଣେ ଗର୍ଭବତୀ ମହିଳା ଯେକୌଣସି ଅଙ୍ଗନୱାଡ଼ି କେନ୍ଦ୍ରରେ ସ୍ୱାସ୍ଥ୍ୟସେବା ପାଇପାରିବେ କିନ୍ତୁ ମମତା ଯୋଜନାର "ପ୍ରାପ୍ୟ" ପଞ୍ଜୀକରଣ କରିଥିବା ଅଙ୍ଗନୱାଡ଼ିକେନ୍ଦ୍ରରୁ ହିଁ ପାଇବେ । (ଉଦାହରଣ ସ୍ୱରୂପ ଯଦି ଜଣେ ମହିଳା ମାଆଙ୍କ ଘରେ ଥିବା ସମୟରେ ଗର୍ଭବସ୍ଥା ଜଣାପଡିଲା, ସେ ସେଠାରେ ଗର୍ଭପରୀକ୍ଷା କରିପାରନ୍ତି, କିନ୍ତୁ ଗର୍ଭାବସ୍ଥାର ପଞ୍ଜୀକରଣ କେବଳ ନିଜ ଅଞ୍ଚଳର ଅଙ୍ଗନୱାଡ଼ି କେନ୍ଦ୍ରରେ ହିଁ କରାଯିବ । ଯଦି ସରକାର ଅଙ୍ଗନୱାଡ଼ି କେନ୍ଦ୍ରର ସ୍ଥାନାନ୍ତରଣ (Portability) ଉପରେ କିଛି ପଦକ୍ଷେପ ନିଅନ୍ତି, ତେବେ ତାହା ସମ୍ଭବ ହୋଇପାରିବ ।

୪.୧.୫ କୌଣସି ଅଙ୍ଗନୱାଡ଼ି କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀ ଅନୁପସ୍ଥିତ ଥିଲେ, ନିକଟସ୍ଥ ଅଙ୍ଗନୱାଡ଼ି କର୍ମୀ ଉକ୍ତ କେନ୍ଦ୍ର ଦାୟିତ୍ୱରେ ରହିବେ । ଏଣୁ ତାଙ୍କୁ ଉଭୟ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ପୃଥକ୍ ବିବରଣୀ ପ୍ରସ୍ତୁତ କରି ସିଡିପିଓଙ୍କୁ ଦାଖଲ କରିବାକୁ ହେବ ।

୪.୧.୬ ଅଙ୍ଗନୱାଡ଼ି କେନ୍ଦ୍ରରେ ଗର୍ଭବତୀ ମହିଳାଙ୍କ ନାମ ପଞ୍ଜୀକରଣ ପରେ ଅଙ୍ଗନୱାଡ଼ି କର୍ମୀ ତାଙ୍କୁ ଏକ ମା' ଓ ଶିଶୁ ସୁରକ୍ଷା ପତ୍ରିକା ପ୍ରଦାନ କରିବେ । ଅର୍ଥ ପ୍ରଦାନ ପାଇଁ ରଖାଯାଇଥିବା ସର୍ତ୍ତ ଗୁଡିକୁ ଯାଞ୍ଚ୍ କରିବା ପାଇଁ ମା' ଓ ଶିଶୁ ସୁରକ୍ଷା ପତ୍ରିକା ବ୍ୟବହାର କରାଯିବ । ଏଣୁ ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀ (ANM) ହିତାଧିକାରୀଙ୍କୁ ଏହି ପତ୍ରିକା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଯଥା ସମୟରେ ତଥ୍ୟ ଗୁଡିକ ପୂରଣ ହେବା ମଧ୍ୟ ନିଶ୍ଚିତ କରିବେ । ସ୍ୱାସ୍ଥ୍ୟକର୍ମୀ (ANM)ଙ୍କର ଦାୟିତ୍ୱ ଯେ ପ୍ରତ୍ୟେକ ହିତାଧିକାରୀଙ୍କର RCH NO ସେମାନଙ୍କ ପାଇଁ ଉଦ୍ଦିଷ୍ଟ MCP କାର୍ଡରେ ଅଙ୍ଗନୱାଡି କେନ୍ଦ୍ର/ ମିନି ଅଙ୍ଗନ ୱାଡି କେନ୍ଦ୍ରରେ ପଞ୍ଜୀକୃତ ହେବାର ମାସେ ମଧ୍ୟରେ ଉଲ୍ଲେଖ କରିବା ସୁନିଶ୍ଚିତ କରିବେ ।



୪.୧.୭ ଅଙ୍ଗନୱାଡ଼ି କେନ୍ଦ୍ର ବା ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ପଞ୍ଜୀକରଣ କରିଥିବା ସମସ୍ତ ଗର୍ଭବତୀ ମହିଳାଙ୍କ ନାମ ମମତା ଯୋଜନାର ଗର୍ଭବତୀ ମହିଳା ସର୍ଭେ ରେଜିଷ୍ଟରରେ ମଧ୍ୟ ଲେଖାଯିବ । ପ୍ରତ୍ୟେକ ଗର୍ଭବତୀ ମହିଳାଙ୍କର ସେହି ବିସ୍ତୃତ ବିବରଣୀକୁ ଆଧାର କରି ଅଙ୍ଗନୱାଡ଼ି କର୍ମୀ ମମତା ଯୋଜନାରେ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ଚିହ୍ନଟ କରିବେ ।

୪.୧.୮ ଅଙ୍ଗନୱାଡ଼ି କର୍ମୀ ଯୋଗ୍ୟ ବିବେଚିତ ସମସ୍ତ ମହିଳାମାନଙ୍କୁ କୋର୍ ବ୍ୟାଙ୍କିଙ୍ଗ୍ ସୁବିଧା ଥିବା ବ୍ୟାଙ୍କ୍‌ରେ ଆକାଉଣ୍ଟ୍ ଖୋଲିବା ପାଇଁ କହିବେ । ତାହା ହିତାଧିକାରୀଙ୍କ ନାମରେ ଏକାକୀ ଆକାଉଣ୍ଟ୍ ହୋଇଥିବା ଦରକାର (କୌଣସି ଯୁଗ୍ମ ଆକାଉଣ୍ଟ୍ ବା ହିତାଧିକାରୀଙ୍କ ବ୍ୟତୀତ ଅନ୍ୟ କାହା ଆକାଉଣ୍ଟ୍ ଗ୍ରହଣୀୟ ନୁହେଁ), ହିତାଧିକାରୀ ବ୍ୟାଙ୍କ୍ ପାସ୍ ବହିର ପ୍ରଥମ ପୃଷ୍ଠାର ଜେରକ୍ସ କପି ଅଙ୍ଗନୱାଡ଼ି କର୍ମୀଙ୍କ ନିକଟରେ ଦାଖଲ କରିବେ । ଅଙ୍ଗନୱାଡ଼ି କର୍ମୀ ତାହାର ସଠିକତା ସମ୍ପର୍କରେ ଯାଞ୍ଚ୍ କରି ରଖିବେ । ଅଙ୍ଗନୱାଡ଼ି କର୍ମୀଙ୍କୁ ବ୍ୟାଙ୍କ୍ ଆକାଉଣ୍ଟ୍‌ର ସଠିକ୍ ତଥ୍ୟ ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ପ୍ରାପ୍ୟ ଅର୍ଥ କେବଳ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଇ-ଟ୍ରାନ୍ସଫର ମାଧ୍ୟମରେ ଦିଆଯିବ ଏବଂ ଭୁଲ୍ ତଥ୍ୟ ଦେବା ଦ୍ୱାରା ପ୍ରାପ୍ୟ ଅର୍ଥ ମଞ୍ଜୁର ହେବ ନାହିଁ । ମା' ଓ ଶିଶୁ ସୁରକ୍ଷା ପତ୍ରିକାର ପ୍ରଥମ ପୃଷ୍ଠାର ଅପର ପାର୍ଶ୍ୱରେ ଉଦ୍ଦିଷ୍ଟ ସ୍ତମ୍ଭରେ ଅଙ୍ଗନୱାଡ଼ି କର୍ମୀ ବ୍ୟାଙ୍କ୍ ତଥ୍ୟ ପୂରଣ କରିବେ ।

୪.୧.୯ ଏହି ଯୋଗ୍ୟ ମହିଳାମାନଙ୍କୁ ମମତା ଯୋଜନା ଓ ଏହାର ସର୍ତ୍ତଗୁଡିକୁ ଅଙ୍ଗନୱାଡ଼ି କର୍ମୀ ବୁଝାଇବେ ଏବଂ ସ୍ୱୀକାରୋକ୍ତିର (ପରିଶିଷ୍ଟ-ଖ) ଦୁଇଟି ଫର୍ମ ଦେବେ । ହିତାଧିକାରୀ ସ୍ୱୀକାରୋକ୍ତି (Self declaration) ଫର୍ମର ଉଭୟ କପି ପୂରଣ କରିବେ, ଏହା ସହ ଦୁଇଟି ଫଟୋ, ମୋବାଇଲ ନମ୍ବର (ନିଜର କିମ୍ବା ସ୍ୱାମୀ/ ଅଭିଭାବକଙ୍କର ଯଦିଥାଏ) ଏବଂ ସ୍ୱାମୀ/ ଅଭିଭାବକଙ୍କର ସ୍ୱୀକାରୋକ୍ତି ଯେତେଶୀଘ୍ର ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରଦାନ କରିବେ । ହିତାଧିକାରୀଙ୍କ ଆଧାର କାର୍ଡର ଦୁଇଟି ଫଟୋକପି, RCH NO ସହ MCP କାର୍ଡର ଦୁଇଟି ଫଟୋକପି ପ୍ରଦାନ କରାଯିବ ।

୪.୧.୧୦ ଏହା ସହ ମୋବାଇଲ୍ ଆପ୍‌ରେ ଅଙ୍ଗନୱାଡ଼ି କର୍ମୀ ଗର୍ଭବତୀ ମହିଳାଙ୍କ ସମସ୍ତ ବିବରଣୀ ହିତାଧିକାରୀଙ୍କ ଫଟୋ ସହ ଦରଖାସ୍ତ ଫର୍ମରେ ଅପଲୋଡ୍ କରିବେ ।

ଫଳରେ ମମତା ଯୋଜନାରେ ଯୋଗ୍ୟ/ଅଯୋଗ୍ୟ ବ୍ୟକ୍ତି କିଏ ଜଣାପଡ଼ିଯାଏ ଏବଂ ଏହା ପରବର୍ତ୍ତୀ ତଦାରଖ କରିବା ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କୁ ସହାୟକ ହୁଏ ।

୪.୧.୧୧ ମୋବାଇଲ୍ ଆପ୍‌ରେ ଅଙ୍ଗନୱାଡ଼ି କର୍ମୀ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଓ ଆଧାର କାର୍ଡ଼ର ବିବରଣୀ ଅପଲୋଡ୍ କରି ସୁପରଭାଇଜରଙ୍କୁ ଦାଖଲ କରିବେ ।

୪.୧.୧୨ ଅଙ୍ଗନୱାଡ଼ି କର୍ମୀ ପଠାଇଥିବା ତଥ୍ୟସବୁକୁ ସୁପରଭାଇଜର ୭ ଦିନ ମଧ୍ୟରେ ଯାଞ୍ଚ୍ କରି ସିଡିପିଓଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଇବେ ।

୪.୧.୧୩ ହିତାଧିକାରୀଙ୍କ ବିସ୍ତୃତ ତଥ୍ୟ ସବୁ ଯାଞ୍ଚ୍ କଲା ପରେ ସିଡିପିଓ ମମତା ଯୋଜନାରେ ହିତାଧିକାରୀଙ୍କ ପଞ୍ଜୀକରଣକୁ ଅନୁମୋଦନ କରିବେ । ଯଦି କୌଣସି ତଥ୍ୟରେ ସନ୍ଦେହ ଆସେ, ତେବେ ସେ ନିଜେ କ୍ଷେତ୍ର ପରିଦର୍ଶନ କରି ହିତାଧିକାରୀଙ୍କ ସତ୍ୟାସତ୍ୟ ଯାଞ୍ଚ୍ କରିପାରିବେ ।

୪.୧.୧୪ ହିତାଧିକାରୀଙ୍କ ଆଧାର ନମ୍ବରକୁ Online ରେ ଯାଞ୍ଚ୍ କରାଯିବ ।

**୪.୨. ହିତାଧିକାରୀଙ୍କ ଦ୍ୱାରା Onlineରେ ପଞ୍ଜୀକରଣ -**

୪.୨.୧ ଗର୍ଭବତୀ ମହିଳା ନିଜ ସ୍ମାର୍ଟଫୋନରେ ଗୁଗୁଲ୍ ପ୍ଲେ ଷ୍ଟୋରରୁ ମମତା ମୋବାଇଲ୍ ଆପ୍‌ଡାଉନ୍‌ଲୋଡ୍ କରି ନିଜକୁ ସିଧାସଳଖ ଏହି ଯୋଜନାରେ ପଞ୍ଜୀକୃତ କରିପାରିବେ ।

୪.୨.୨ ମମତା ଯୋଜନାର ପ୍ରାପ୍ୟ ରାଶି ପାଇବା ପାଇଁ ଗର୍ଭାବସ୍ଥାର ପ୍ରଥମ ୪ ମାସ ମଧ୍ୟରେ ସମସ୍ତ ଗର୍ଭବତୀ ମହିଳା ଅଙ୍ଗନୱାଡ଼ି କେନ୍ଦ୍ର/ ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ଗର୍ଭ ପଞ୍ଜୀକରଣ କରିବା ଆବଶ୍ୟକ କିମ୍ବା ସମୟାନୁସାରେ ସରକାର ନିର୍ଦ୍ଧାରଣ କରିଥିବା ସମୟସୀମା ମଧ୍ୟରେ ପଞ୍ଜୀକରଣ କରିବା ଆବଶ୍ୟକ । ଏହାଛଡ଼ା ସେ ମୋବାଇଲ ଆପ୍ ମାଧ୍ୟମରେ ନିଜର ସମସ୍ତ ତଥ୍ୟ ଆବଶ୍ୟକୀୟ ଯାଞ୍ଚ୍ ପାଇଁ ଅପ୍‌ଲୋଡ୍ କରିପାରିବେ ।

୪.୨.୩ ଗର୍ଭ ସମ୍ବନ୍ଧୀୟ ତଥ୍ୟ, ବ୍ୟାଙ୍କ୍ ଆକାଉଣ୍ଟ୍‌ର ତଥ୍ୟ, RCH ନମ୍ବର ଏବଂ ଆଧାର ନମ୍ବର ଓ ସ୍ୱୀକାରୋକ୍ତି ଆଦି ତଥ୍ୟ ଏହି ମୋବାଇଲ୍ ଆପ୍‌ରେ ସଠିକ୍ ଭାବରେ ପୂରଣ କରିବେ । ସେମାନଙ୍କର ସଫଳ ପଞ୍ଜୀକରଣ ପରେ ହିତାଧିକାରୀଙ୍କର ଏକ ନୂତନ id ସୃଷ୍ଟି ହେବ ଏବଂ ହିତାଧିକାରୀଙ୍କ ଫୋନକୁ SMS ମାଧ୍ୟମରେ ଜଣାଇ ଦିଆଯିବ ।

୪.୨.୪ RCH ନମ୍ବର ଏବଂ ଆଧାର ନମ୍ବରକୁ ହିତାଧିକାରୀଙ୍କର ସ୍ଵତନ୍ତ୍ର id ଭାବେ MIS system ରେ ବ୍ୟବହାର ହେବ, ଯଦ୍ଵାରା ନକଲ ନହେବାର ସୁନିଶ୍ଚିତ ହୋଇପାରିବ ।

**୫. ଦେୟ ପ୍ରଦାନ ଏବଂ ସର୍ତ୍ତାବଳୀ :-**

ପ୍ରତ୍ୟେକ ହିତାଧିକାରୀ ନିର୍ଦ୍ଧିଷ୍ଟ ସର୍ତ୍ତ ପୂରଣ କଲେ ୨ଟି କିସ୍ତିରେ ସମୁଦାୟ ଟ.୫୦୦୦/- ଅର୍ଥରାଶି ପାଇ ପାରିବେ । ଏହି ଦେୟ ରାଶି ସିଡିପିଓଙ୍କ ଦ୍ଵାରା ଅର୍ଥ ବିଭାଗ ପ୍ରଦତ୍ତ IFMS ମାଧମରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ୍‌କୁ ସିଧାସଳଖ ଇ-ଟ୍ରାନ୍ସଫର କରାଯିବ ।

**୫.୧ ପ୍ରଥମ କିସ୍ତି :**

**ପ୍ରଥମ କିସ୍ତି ଅର୍ଥ ରାଶି ଟ.୩୦୦୦/-ଗର୍ଭାବସ୍ଥାର ତୃତୀୟ ତ୍ରୟମାସିକ (3rd Trimester) ମଧ୍ୟରେ ନିମ୍ନରେ ଦିଆଯାଇଥିବା ସମସ୍ତ ୫ ଟି ସର୍ତ୍ତ ପୂରଣ କଲେ ପାଇପାରିବେ –**

i) ଅଙ୍ଗନୱାଡ଼ି କେନ୍ଦ୍ର / ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ଗର୍ଭ ପଞ୍ଜୀକରଣ କରିଥିବେ ।

ii) ଅନ୍ୟୁନ ଦୁଇଥର ANC check-up କରିଥିବେ ।

iii) IFA ଏବଂ କ୍ୟାଲ୍‌ସିୟମ ବଟିକା ଗ୍ରହଣ କରିଥିବେ ।

iv) ଅନ୍ୟୁନ ଗୋଟିଏ ଟି.ଟି ଇଞ୍ଜେକ୍‌ସନ ନେଇଥିବେ (ସର୍ବାଧିକ ୨ଟି ମଧ୍ୟରୁ) ।

v) ଅଙ୍ଗନୱାଡ଼ି କେନ୍ଦ୍ରରେ ବା ଗ୍ରାମ୍ୟ ସ୍ଵାସ୍ଥ୍ୟ ଓ ପୁଷ୍ଟି ଦିବସ (ମମତା ଦିବସ) ରେ / ଗୃହ ପରିଦର୍ଶନ ସମୟରେ ଅତି କମ୍‌ରେ ଥରେ ପରାମର୍ଶ ଗ୍ରହଣ କରିଥିବେ ।

୫.୧.୧ ପ୍ରଥମ ରୁ ଚତୁର୍ଥ ସର୍ତ୍ତ ମା' ଓ ଶିଶୁ ସୁରକ୍ଷା ପତ୍ରିକା ଦ୍ଵାରା ଯାଞ୍ଚ୍ କରାଯିବ । ପଞ୍ଚମ ସର୍ତ୍ତଟି ଅଙ୍ଗନୱାଡ଼ି କେନ୍ଦ୍ର ବା ମିନି ଅଙ୍ଗନୱାଡ଼ି କେନ୍ଦ୍ରର Immunisation & VHND Register-6 ରୁ ଯାଞ୍ଚ୍ କରାଯିବ ।

୫.୧.୨ ଯେଉଁ ହିତାଧିକାରୀମାନେ ପ୍ରଥମ କିସ୍ତିର ସମସ୍ତ ସର୍ତ୍ତାବଳୀକୁ ପୂରଣ କରିଥିବେ (ପରିଶିଷ୍ଟ-ଖ ଅନୁଯାୟୀ ଆବଶ୍ୟକ ନଥିପତ୍ର ଅର୍ନ୍ତଭୁକ୍ତ) ଏବଂ ଗର୍ଭାବସ୍ଥାର ପ୍ରଥମ ୬ ମାସ ପୂରଣ କରିଥିବେ, ସେମାନେ ପ୍ରଥମ କିସ୍ତି ପାଇବା ପାଇଁ ହକ୍‌ଦାର୍ ହେବେ ।

୫.୧.୩ ଅଙ୍ଗନୱାଡ଼ି କର୍ମୀ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ପ୍ରଥମ କିସ୍ତିର ସର୍ତ୍ତଗୁଡିକ ମୋବାଇଲ୍ ଆପ୍‌ରେ ସଠିକ୍ ଭାବରେ ପୂରଣ କଲାପରେ ସୁପରଭାଇଜରଙ୍କ ନିକଟକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇବେ ।

୫.୧.୪ ସୁପରଭାଇଜର୍ ମୋବାଇଲ୍ ଆପ୍ ମାଧ୍ୟମରେ ଅଙ୍ଗନୱାଡ଼ି କର୍ମୀଙ୍କ ଠାରୁ ପାଇଥିବା ଫର୍ମ ୩ ଦିନ ମଧ୍ୟରେ ଯାଞ୍ଚ୍ କରି ସିଡିପିଓଙ୍କ ପାଖକୁ ଅନୁମୋଦନ ପାଇଁ ପଠାଇବେ ।

୫.୧.୫ ମମତା MIS ରେ ସମସ୍ତ ତଥ୍ୟ ଯାଞ୍ଚ୍ କରି ସିଡିପିଓ ହିତାଧିକାରୀଙ୍କ ପ୍ରଥମ କିସ୍ତି ପାଇଁ ଅନୁମୋଦନ କରିବେ ଏବଂ ରାଜ୍ୟ DDOଙ୍କ ନିକଟକୁ ଅନ୍‌ଲାଇନ୍ ଅର୍ଥରାଶି ପ୍ରଦାନ ନିମନ୍ତେ ପଠାଇବେ ।

୫.୧.୬ ଏହ ପରେ ବିଭାଗୀୟ DDO ସମସ୍ତ ମମତା ହିତାଧିକାରୀଙ୍କ ପ୍ରଥମ କିସ୍ତିର ପ୍ରାପ୍ୟ ରାଶିକୁ ସପ୍ତାହକୁ ଥରେ Integrated Financial Management System (IFMS) ମାଧ୍ୟମରେ ସିଧାସଳଖ ହିତାଧିକାରୀଙ୍କ ଜମାଖାତାକୁ ପଠାଇବେ ।

୫.୧.୭ ସଫଳତାର ସହ ଟଙ୍କା ପଠାଇସାରିବା ପରେ ସମ୍ପୃକ୍ତ ହିତାଧିକାରୀ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କୁ ଓଡ଼ିଆ 'SMS' ମାଧ୍ୟମରେ ପ୍ରାପ୍ୟ ରାଶି ସମ୍ପର୍କୀୟ ସୂଚନା ଜଣାଇ ଦିଆଯିବ ।

୫.୧.୮ ଯଦି ଟଙ୍କା, ହିତାଧିକାରୀଙ୍କ ପାଖକୁ ନ ଯାଇ ଫେରିଆସେ, ତେବେ MIS ରେ ଏହାର 'କାରଣ' ଦର୍ଶାଇ, କ୍ଷେତ୍ରସ୍ତରରେ ସଂଶୋଧନ ପାଇଁ ଜଣାଇ ଦିଆଯିବ ।

୫.୧.୯ ଏଠାରେ ମନେରଖିବାକୁ ହେବ ଯେ ଯଦି କୌଣସି ଗର୍ଭବତୀ ମହିଳା ଗର୍ଭାବସ୍ଥାର ୬ ମାସ ପୂର୍ବରୁ ସମସ୍ତ ସର୍ତ୍ତ ପୂରଣ କରିଛନ୍ତି ତେବେ ମଧ ପ୍ରଥମ କିସ୍ତି ଅର୍ଥରାଶି ପାଇବା ପାଇଁ ତାଙ୍କର ନାମ ଅଙ୍ଗନୱାଡି କର୍ମୀ ଗର୍ଭାବସ୍ଥାର ୬ ମାସ ପୂରଣ କରିବା ପରେ ହିଁ ପଠେଇବେ ।

**୫.୨ ଦ୍ୱିତୀୟ କିସ୍ତି ଅର୍ଥ ରାଶି – ଟ.୨୦୦୦/- ଶିଶୁକୁ ୧୦ ମାସ ହେବା ପରେ ନିମ୍ନଲିଖିତ ସମସ୍ତ ୧୧ ଗୋଟି ସର୍ତ୍ତ ପୂରଣ କଲେ ଦିଆଯିବ ।**

i. ଅଙ୍ଗନୱାଡି ବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଶିଶୁର ଜନ୍ମ ପଞ୍ଜୀକରଣ ହୋଇଥିବ ।

ii. ଶିଶୁକୁ ବି.ସି.ଜି ଇଞ୍ଜେକ୍‌ସନ ଦିଆଯାଇଥିବ ।

iii. ଶିଶୁକୁ ପୋଲିଓ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ମାତ୍ରା ଦିଆଯାଇଥିବ ।

iv. ଶିଶୁକୁ PENTAVALENT ଇଞ୍ଜେକ୍ସନର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ମାତ୍ରା ଦିଆଯାଇଥିବ ।

v. ଶିଶୁକୁ Rotavirus ପ୍ରଥମ, ଦ୍ୱିତୀୟ ଓ ତୃତୀୟ ମାତ୍ରା ଦିଆଯାଇଥିବ ।

vi. ଶିଶୁକୁ ୧ ବର୍ଷ ପୂରଣ ହେବା ପୂର୍ବରୁ ମିଳିମିଳା ଇଞ୍ଜେକ୍ସନ ଦିଆଯାଇଥିବ ।

vii. ଶିଶୁକୁ ୧ ବର୍ଷ ପୂରଣ ହେବା ପୂର୍ବରୁ ଭିଟାମିନ୍ – ଏ ର ପ୍ରଥମ ମାତ୍ରା ଦିଆଯାଇଥିବ ।

viii. ପ୍ରସବଠାରୁ ୯ମାସ ମଧ୍ୟରେ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ବା ଗ୍ରାମ୍ୟ ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ଦିବସରେ/ଅଙ୍ଗନଓ୍ୱାଡି କର୍ମୀଙ୍କ ଗୃହ ପରିଦର୍ଶନ ସମୟରେ ମା' ଅନ୍ୟୁନ ୬ଟି Growth Monitoring ଓ IYCF counseling session ଗ୍ରହଣ କରିଥିବେ ।

ix. ଶିଶୁକୁ ୬ ମାସ ପର୍ଯ୍ୟନ୍ତ କେବଳ ମା'ର ସ୍ତନପାନ କରାଯାଇଥିବ ।

x. ୬ ମାସ ପୂରଣ ହେବା ପରେ ଶିଶୁର ଅନୁପୂରକ ଖାଦ୍ୟ ଆରମ୍ଭ କରାଯାଇଥିବ ।

xi. ଶିଶୁର ବୟସାନୁଯାୟୀ ସଠିକ୍ ଅନୁପୂରକ ଖାଦ୍ୟ ଚାଲୁ ରହିଥିବ ।

୫.୨.୧ (i) ଠାରୁ (vii) ପର୍ଯ୍ୟନ୍ତ ସର୍ତ୍ତଗୁଡିକ ମା' ଶିଶୁ ସୁରକ୍ଷା ପତ୍ରିକା ରୁ ଯାଞ୍ଚ୍ କରାଯିବ । (viii) ସର୍ତ୍ତ ମା' ଶିଶୁ ସୁରକ୍ଷା ପତ୍ରିକା, (Growth Monitoring Register) ଓ ଅଙ୍ଗନଓ୍ୱାଡି କେନ୍ଦ୍ର ବା ମିନି ଅଙ୍ଗନଓ୍ୱାଡ଼ି କେନ୍ଦ୍ରର Immunisation & VHND Register-6 ରୁ ଯାଞ୍ଚ୍ କରାଯିବ । (ix) ଠାରୁ (xi) ପର୍ଯ୍ୟନ୍ତ ସର୍ତ୍ତଗୁଡିକ ମା' ଶିଶୁ ସୁରକ୍ଷା ପତ୍ରିକା ରୁ ସ୍ୱତଃ ଘୋଷଣାନାମାରେ ଯାଞ୍ଚ୍ କରାଯିବ ।

୫.୨.୨ ମମତା ହିତାଧିକାରୀଙ୍କ ପ୍ରସବ ହେବା ପରେ, ଅଙ୍ଗନଓ୍ୱାଡ଼ି କର୍ମୀ ମୋବାଇଲ୍ ଆପ୍‌ରେ ପ୍ରସବ ତାରିଖ, ପ୍ରସବ ଫଳାଫଳ ଇତ୍ୟାଦି ତୁରନ୍ତ ଅପ୍‌ଡେଟ୍ କରିବେ ଯଦ୍ୱାରା MIS ଦ୍ୱିତୀୟ କିସ୍ତି ପାଇଁ ଯୋଗ୍ୟ ହିତାଧିକାରୀଙ୍କର ସଠିକ୍ ତାରିଖ ଦର୍ଶାଇବ ।

୫.୨.୩ ତାହାପରେ ଅଙ୍ଗନୱାଡ଼ି କର୍ମୀ ଦ୍ୱିତୀୟ କିସ୍ତି ପାଇଁ ଯୋଗ୍ୟ ହିତାଧିକାରୀମାନଙ୍କ ଦ୍ୱାରା ପୂରଣ କରିଥିବା ସର୍ତ୍ତାବଳୀକୁ ମୋବାଇଲ୍ ଆପ୍‌ରେ ଅପ୍‌ଡେଟ୍ କରି ସୁପରଭାଇଜରଙ୍କ ନିକଟକୁ ପରବର୍ତ୍ତୀ ପଦକ୍ଷେପ ପାଇଁ ପଠାଇବେ ।

୫.୨.୪ ହିତାଧିକାରୀମାନେ ସର୍ତ୍ତଗୁଡିକ ପୂରଣ କରିଛନ୍ତି ବୋଲି ସୁପରଭାଇଜ୍‌ର ତାଙ୍କ ନିଜ ମୋବାଇଲ ଆପ୍‌ରେ ଯାଞ୍ଚ୍ କରିବେ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ଠାରୁ ରିପୋର୍ଟ ପାଇବାର ତିନି ଦିନ ମଧରେ ସିଡିପିଓଙ୍କ ଅନୁମୋଦନ ପାଇଁ ପଠାଇବେ ।

୫.୨.୫ ସିଡିପିଓ (CDPO) ମମତା MIS ରେ ସମସ୍ତ ତଥ୍ୟ ଯାଞ୍ଚ୍ କଲା ପରେ ଉପଯୁକ୍ତ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଦେୟ ରାଶି ଅନୁମୋଦନ କରିବେ ଏବଂ ରାଜ୍ୟ DDOଙ୍କ ପାଖକୁ ଅନ୍‌ଲାଇନ୍ ଅର୍ଥରାଶି ପ୍ରଦାନ ନିମନ୍ତେ ପଠାଇବେ ।

୫.୨.୬ ଉପଯୁକ୍ତ ପ୍ରକ୍ରିୟା ପରେ (ସ୍ୱତନ୍ତ୍ରଭାବରେ ଦିଆଯାଇଛି), DDO ପ୍ରତି ସପ୍ତାହରେ ଥରେ IFMS ସହ ମମତା MIS ମାଧମରେ ସିଧାସଳଖ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ଅର୍ଥରାଶି ଦେଇପାରିବେ ।

୫.୨.୭ ସଫଳତାର ସହ ଅର୍ଥରାଶି ପ୍ରଦାନ କରିବା ପରେ, ସିଧାସଳଖ ଭାବରେ ମମତାର ହିତାଧିକାରୀ ଏବଂ ଅଙ୍ଗନୱାଡ଼ିକର୍ମୀଙ୍କ ପାଖକୁ ସୂଚନା ପାଇଁ SMS ଯିବ ।

୫.୨.୮ ଯଦି ଅର୍ଥରାଶି ପ୍ରଦାନରେ ବିଫଳତା ହୁଏ, ତେବେ କ୍ଷେତ୍ରସ୍ତରରେ ସଂଶୋଧିତ ପଦକ୍ଷେପ ନେବା ପାଇଁ MIS ରେ ଏକ ରିପୋର୍ଟ ସୃଷ୍ଟି ହେବ ।

୫.୨.୯ ସମସ୍ତ ସର୍ତ୍ତାବଳୀ ପୂରଣ କଲାପରେ ହିଁ ହିତାଧିକାରୀ ଅର୍ଥରାଶି ପାଇବେ ।

୫.୨.୧୦ ଅବଶ୍ୟ, ଯଦି ଜଣେ ହିତାଧିକାରୀ କୌଣସି କିସ୍ତିର କିଛି ସର୍ତ୍ତାବଳୀ ପୂରଣ କରି ନ ପାରନ୍ତି, ତାହେଲେ ସେ ସ୍ୱତନ୍ତ୍ର କିସ୍ତି ପାଇବେ ନାହିଁ । ଉଦାହରଣସ୍ୱରୂପ ଯଦି ଜଣେ ହିତାଧିକାରୀ ଗର୍ଭଧାରଣର ୪ ମାସ ମଧରେ ପଞ୍ଜୀକରଣ କରିନାହାନ୍ତି, ତାହେଲେ ସେ କେବଳ ପ୍ରଥମ କିସ୍ତି ପାଇବେ ନାହିଁ । କିନ୍ତୁ ଠିକ୍ ସମୟର ଅନ୍ତରରେ ସମସ୍ତ ସର୍ତ୍ତ ପୂରଣ କଲାପରେ ଦ୍ୱିତୀୟ କିସ୍ତି ପାଇବେ ।

## ୬. ସ୍ୱତନ୍ତ୍ର ସର୍ତ୍ତାବଳୀ :

୬.୧ ହିତାଧିକାରୀ ପ୍ରଥମ କିସ୍ତି ପାଇଁ ସମସ୍ତ ସର୍ତ୍ତ ପୂରଣ କରିଥିଲେ ମଧ ଯଦି ଗର୍ଭ ନଷ୍ଟ ହୋଇଥାଏ, ତେବେ ସେ ସମ୍ପର୍କୀୟ ସମସ୍ତ ଦସ୍ତାବିଜ୍ ଦାଖଲ କଲେ ସେ ପ୍ରଥମ କିସ୍ତି ପାଇପାରିବେ ।

୬.୨ ଯଦି ହିତାଧିକାରୀ ପ୍ରଥମ ପ୍ରସବରେ ଜାଆଁଳା ଶିଶୁ ଜନ୍ମ କରନ୍ତି, ସେ ଏହି ଯୋଜନାରେ ଥରେ ମାତ୍ର ସୁବିଧା / ଅନୁଦାନ ରାଶି ପାଇବେ କାରଣ ଏଥିପାଇଁ ମା'କୁ ଥରେ ମାତ୍ର ବିଶ୍ରାମର ଆବଶ୍ୟକତା ହେଉଛି ।

୬.୩ ଯଦି ହିତାଧିକାରୀଙ୍କର ପ୍ରଥମ ଗର୍ଭରେ ଜୀବିତ ସନ୍ତାନ ଅଛି ଏବଂ ଦ୍ୱିତୀୟ ପ୍ରସବରେ ଜାଆଁଳା ଶିଶୁ ଜନ୍ମ କରିଛନ୍ତି, ତେବେ ସେ ଦ୍ୱିତୀୟ କିସ୍ତି ମଧ ପାଇବେ (ଯଦିଓ ତାଙ୍କର ୩ ଟି ଜୀବିତ ସନ୍ତାନ ଅଛନ୍ତି) ।

୬.୪ ଯଦି ଜଣେ ହିତାଧିକାରୀ ଜାଆଁଳା ଶିଶୁ ଜନ୍ମ ଦେଇଥାନ୍ତି ଏବଂ କେବଳ ଗୋଟିଏ ଶିଶୁ ୧୦ ମାସ ଯାଏଁ ବଞ୍ଚିଥାଏ ଓ ଜୀବିତ ଶିଶୁ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ସର୍ତ୍ତ ପୂରଣ କରୁଥାଏ, ତେବେ ସେ ମହିଳା ଦ୍ୱିତୀୟ କିସ୍ତି ପାଇବେ ।

୬.୫ ଯଦି ହିତାଧିକାରୀ ପଞ୍ଜୀକୃତ ହୋଇଥିବା ଅଙ୍ଗନୱାଡ଼ି କେନ୍ଦ୍ର ଅଞ୍ଚଳରୁ ସ୍ଥାୟୀଭାବରେ ସ୍ଥାନାନ୍ତରିତ ହୋଇଯାଇଥାନ୍ତି ଏବଂ କିସ୍ତି ପାଇବା ତାରିଖର ୬ ମାସ ପର ପର୍ଯ୍ୟନ୍ତ ଚିହ୍ନଟ ହୋଇପାରନ୍ତି ନାହିଁ (ତାଙ୍କର କୌଣସି ପତ୍ତା ନ ମିଳେ), ତେବେ ଅଙ୍ଗନୱାଡ଼ି କର୍ମୀ, ଅନ୍‌ଲାଇନ୍‌ରେ ମୋବାଇଲ୍ ଆପ୍ ଆଧାରିତ ସିଷ୍ଟମରେ ସୁପରଭାଇଜରଙ୍କ ମାଧମରେ ସିଡ଼ିପିଓଙ୍କୁ ଜଣାଇବେ । ମମତାର DPC, RCH ସିଷ୍ଟମରୁ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି କି ନାହିଁ ଅନୁସନ୍ଧାନ କରିବାକୁ ଚେଷ୍ଟା କରିବେ ଏବଂ ସୁପରଭାଇଜର ମଧ ଗୋଷ୍ଠୀ ସହ ଆଲୋଚନା କରି ଏକ ତଦନ୍ତ ବିବରଣୀ ପ୍ରସ୍ତୁତ କରିବେ । ଏହି ୨ଟି ବିବରଣୀକୁ ଆଧାର କରି ସିଡ଼ିପିଓ ବାକି ଥିବା କିସ୍ତିର ଦେୟକୁ ବନ୍ଦ୍ କରିବା ପାଇଁ ନିଷ୍ପତ୍ତି ନେବେ । ଏଥିପାଇଁ ଅଙ୍ଗନୱାଡ଼ି କର୍ମୀ ଓ ସୁପରଭାଇଜର ଏକ କ୍ଷେତ୍ର ବିବରଣୀ (Field Report) ସିଡ଼ିପିଓଙ୍କୁ ପ୍ରଦାନ କରିବେ ।

## ୭. ସର୍ତ୍ତାବଳୀର ଯାଞ୍ଚ୍ ପ୍ରକ୍ରିୟା:

### ୭.୧ ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ଯାଞ୍ଚ୍ କରିବା :-

ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ପ୍ରତ୍ୟେକ ସର୍ତ୍ତ ର ମାଧ୍ୟମ ଗୁଡ଼ିକ ତଳେ ଟେବୁଲ-୧ ରେ ବର୍ଣ୍ଣନା ହୋଇଛି ।

**ଟେବୁଲ-୧**

| କ୍ର.ନଂ | ସର୍ତ୍ତାବଳୀ | ସେବା ପ୍ରଦାନର ପ୍ରାଥମିକ ଦାୟିତ୍ୱ | ଯାଞ୍ଚ୍ ପାଇଁ ମାଧ୍ୟମ |
|---|---|---|---|
| **ପ୍ରଥମ କିସ୍ତି** | | | |
| ୧. | ଅଙ୍ଗନୱାଡ଼ି କେନ୍ଦ୍ର / ମିନି ଅଙ୍ଗନୱାଡି କେନ୍ଦ୍ରରେ ଗର୍ଭାବସ୍ଥାର ୪ ମାସ ମଧ୍ୟରେ ଗର୍ଭ ପଞ୍ଜୀକରଣ । | ଅଙ୍ଗନୱାଡ଼ି କର୍ମୀ/ ସ୍ୱାସ୍ଥ୍ୟକର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡ, ICDS ନଥିପତ୍ର / RCHS |
| ୨. | ଅତି କମ୍‌ରେ ୨ଥର ANC check up କରିଥିବେ । | ସ୍ୱାସ୍ଥ୍ୟକର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡ ଓ RCHS |
| ୩. | ଆଇରନ ଫଲିକ୍ ଏସିଡ୍ ବଟିକା (IFA tablets) ଏବଂ କ୍ୟାଲସିୟମ ବଟିକା ଗ୍ରହଣ କରିଥିବେ । | ସ୍ୱାସ୍ଥ୍ୟକର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡ ଓ RCHS |
| ୪. | ଅତି କମ୍‌ରେ ଟିଟାନସ ଟକ୍ସାଇଡ୍ (ଟି.ଟି) ଗୋଟିଏ ମାତ୍ରା ନେଇଥିବେ (ଦୁଇଟି ମାତ୍ରାରୁ) । | ସ୍ୱାସ୍ଥ୍ୟକର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡ ଓ RCHS |
| ୫. | ଅଙ୍ଗନୱାଡି କେନ୍ଦ୍ର / ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଦିବସ / ଗୃହ ପରିଦର୍ଶନ ମଧ୍ୟରେ ଅତିକମ୍‌ରେ ଥରେ ପରାମର୍ଶ ବୈଠକରେ ଯୋଗଦାନ କରିଥିବେ । | ଅଙ୍ଗନୱାଡ଼ି କର୍ମୀ/ ସ୍ୱାସ୍ଥ୍ୟକର୍ମୀ | ଯୋଜନା ସମ୍ବନ୍ଧୀୟ ନଥିପତ୍ର |
| **ଦ୍ୱିତୀୟ କିସ୍ତି** | | | |
| ୬. | ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁର ଜନ୍ମ ପଞ୍ଜୀକରଣ ହୋଇଥିବ । | ଅଙ୍ଗନୱାଡ଼ି କର୍ମୀ/ ସ୍ୱାସ୍ଥ୍ୟକର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡ, ICDS ନଥିପତ୍ର / RCHS |
| ୭. | ଶିଶୁ ବି.ସି.ଜି ଟୀକା ପାଇଥିବ । | ସ୍ୱାସ୍ଥ୍ୟକର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡ, RCHS |

| କ୍ର.ନଂ | ସର୍ତ୍ତାବଳୀ | ସେବା ପ୍ରଦାନର ପ୍ରାଥମିକ ଦାୟିତ୍ୱ | ଯାଞ୍ଚ୍ ପାଇଁ ମାଧ୍ୟମ |
|---|---|---|---|
| | | | |
| ୮. | ଶିଶୁକୁ ପୋଲିଓ ୧ମ, ୨ୟ ଓ ୩ୟ ମାତ୍ରା ଦିଆଯାଇଥିବ । | ସ୍ୱାସ୍ଥ୍ୟକର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡ, RCHS |
| ୯. | ଶିଶୁକୁ PENTAVALENT ଇଞ୍ଜେକ୍ସନ୍‌ର ୧ମ, ୨ୟ ଓ ୩ୟ ମାତ୍ରା ଦିଆଯାଇଥିବ । | ସ୍ୱାସ୍ଥ୍ୟକର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡ, RCHS |
| ୧୦. | ଶିଶୁଟି Rotavirus ୧ମ,୨ୟ ଓ ୩ୟ ମାତ୍ରା ଦିଆଯାଇଥିବ । | ସ୍ୱାସ୍ଥ୍ୟକର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡ, RCHS |
| ୧୧. | ଶିଶୁକୁ ୧ବର୍ଷ ପୂରଣ ହେବା ପୂର୍ବରୁ ମିଳିମିଳା ଇଞ୍ଜେକ୍ସନ୍ ଦିଆଯାଇଥିବ । | ସ୍ୱାସ୍ଥ୍ୟକର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡ, RCHS |
| ୧୨. | ଶିଶୁକୁ ୧ବର୍ଷ ପୂରଣ ହେବା ପୂର୍ବରୁ ଭିଟାମିନ୍ – ଏ ର ୧ମ ମାତ୍ରା ଦିଆଯାଇଥିବ । | ସ୍ୱାସ୍ଥ୍ୟକର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡ, RCHS |
| ୧୩. | ପ୍ରସବଠାରୁ ୯ମାସ ମଧ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ର ବା ଗ୍ରାମ୍ୟ ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ଦିବସରେ / ଅଙ୍ଗନୱାଡି କର୍ମୀଙ୍କ ଗୃହ ପରିଦର୍ଶନ ସମୟରେ ମା' ଅନ୍ୟୁନ ୬ଟି Growth Monitoring ଓ IYCF counseling sessions ଗ୍ରହଣ କରିଥିବେ । | ଅଙ୍ଗନୱାଡ଼ି କର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡ, ICDS Growth Monitoring ନଥିପତ୍ର |
| ୧୪. | ଶିଶୁକୁ ୬ ମାସ ପର୍ଯ୍ୟନ୍ତ କେବଳ ମା' ସ୍ତନପାନ କରାଯାଇଥିବ । | ଅଙ୍ଗନୱାଡ଼ି କର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡରେ ନିଜେ ସ୍ୱୀକାରୋକ୍ତି ଦେବେ । |
| ୧୫. | ୬ ମାସ ପୂରଣ ହେବା ପରେ ଶିଶୁର ଅନୁପୂରକ ଖାଦ୍ୟ ଆରମ୍ଭ କରାଯାଇଥିବ । | ଅଙ୍ଗନୱାଡ଼ି କର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡରେ ନିଜେ ସ୍ୱୀକାରୋକ୍ତି ଦେବେ । |

| କ୍ର.ନଂ | ସର୍ତ୍ତାବଳୀ | ସେବା ପ୍ରଦାନର ପ୍ରାଥମିକ ଦାୟିତ୍ୱ | ଯାଞ୍ଚ୍ ପାଇଁ ମାଧ୍ୟମ |
|---|---|---|---|
| ୧୬. | ଶିଶୁର ବୟସାନୁଯାୟୀ ସଠିକ୍ ଅନୁପୂରକ ଖାଦ୍ୟ ଚାଲୁ ରହିଥିବ । | ଅଙ୍ଗନୱାଡ଼ି କର୍ମୀ | ମା' ଓ ଶିଶୁ ସୁରକ୍ଷା କାର୍ଡ ରେ ନିଜେ ସ୍ୱୀକାରୋକ୍ତି ଦେବେ । |

## ୭.୨ ମା' ଓ ଶିଶୁ ସୁରକ୍ଷା କାର୍ଡ

### ୭.୨.୧ ମା' ଓ ଶିଶୁ ସୁରକ୍ଷା କାର୍ଡକୁ କିପରି ପୂରଣ କରାଯିବ :-




୭.୨.୨ ଯେହେତୁ ଏହି ଯୋଜନାର ସର୍ତ୍ତ ଗୁଡିକ ପୂରଣ କରିବା ପାଇଁ ମା' ଓ ଶିଶୁ ସୁରକ୍ଷା କାର୍ଡ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟେ, ତେଣୁ ମା' ଓ ଶିଶୁ ସୁରକ୍ଷା କାର୍ଡକୁ ପୂରଣ କରିବା ସମୟରେ ଯଥେଷ୍ଟ ଧ୍ୟାନ ଦେବାକୁ ହେବ । ମା' ଓ ଶିଶୁ ସୁରକ୍ଷା କାର୍ଡରେ କିଛି ପୃଷ୍ଠା ରହିଛି ଯାହାକି ଏ.ଏନ୍.ଏମ୍‌ଙ୍କ ଦ୍ୱାରା ପୂରଣ କରାଯିବ ଓ କିଛି ପୃଷ୍ଠା ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ପୂରଣ କରାଯିବ । ଏହା ସ୍ପଷ୍ଟ ଭାବରେ ପ୍ରତ୍ୟେକ ପୃଷ୍ଠାର ଉପରେ ଡାହାଣ ପଟରେ ଉଲ୍ଲେଖ କରାଯାଇଛି ଯେ- କିଏ ଏହି ପୃଷ୍ଠା ପୂରଣ କରିବା ଉଚିତ୍ ।

୭.୨.୩ ବ୍ୟାଙ୍କ୍ ଜମାଖାତାର ବିସ୍ତୃତ ବିବରଣୀ ମା' ଓ ଶିଶୁ ସୁରକ୍ଷା କାର୍ଡର ପ୍ରଥମ ପୃଷ୍ଠାର ପଛପଟେ ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ଲେଖାଯିବ ।

୭.୨.୪ ଯୋଜନାର ବ୍ୟବସ୍ଥା ଅନୁଯାୟୀ ସେହିଦିନ ମିଳୁଥିବା ସେବାର ବିସ୍ତୃତ ବିବରଣୀ ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ମା' ଓ ଶିଶୁ ସୁରକ୍ଷା କାର୍ଡରେ ଲିପିବଦ୍ଧ କରାଯିବ । ସେବା ଯୋଗାଇବା ଏବଂ ମା' ଓ ଶିଶୁ ସୁରକ୍ଷା କାର୍ଡରେ ପୂରଣ କରିବା ମଧ୍ୟରେ କୌଣସି ସମୟ ସୀମା ରହିବା ଉଚିତ୍ ନୁହେଁ ।

୭.୨.୫ ଯେଉଁ ସେବା ଗୁଡିକ ମା' ଓ ଶିଶୁ ସୁରକ୍ଷା କାର୍ଡରେ ଯୋଗାଇ ଦିଆଯାଇଥିବ ସେଗୁଡିକ ସେହିଦିନ ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ଉଦ୍ଦିଷ୍ଟ କୋଠରୀରେ ପୂରଣ କରି ଦସ୍ତଖତ କରିବେ । (ଏହା ✓ ଚିହ୍ନ ହେବ ନାହିଁ)

୭.୨.୬ ଗ୍ରାମ୍ୟ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ଦିବସ ଅଧିବେଶନକୁ ଆସୁଥିବା ପ୍ରତ୍ୟେକ ଗର୍ଭବତୀ ମହିଳା ମା' ଓ ଶିଶୁ ସୁରକ୍ଷା କାର୍ଡ ନିଜ ସହିତ ନିଶ୍ଚୟ ଆଣିବେ ।

୭.୨.୭ ଗର୍ଭବତୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବା ମା' ଓ ଶିଶୁ ସୁରକ୍ଷା କାର୍ଡଟି ଅଙ୍ଗନୱାଡ଼ି କର୍ମୀ ନିଜ ପାଖରେ ରଖିପାରିବେ ନାହିଁ । ଯଦି ସଂପୃକ୍ତ ମହିଳା ଜଣକ କାର୍ଡଟି ହଜାଇ ଦିଅନ୍ତି, ସି.ଡି.ପି.ଓଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ଦେଇ ଉକ୍ତ କାର୍ଡର ଏକ ନକଲ ସେ ବାହାର କରିପାରିବେ । ସି.ଡି.ପି.ଓଙ୍କ ଠାରୁ ମିଳିଥିବା ନକଲ ମା' ଓ ଶିଶୁ ସୁରକ୍ଷା କାର୍ଡରେ ସ୍ୱାସ୍ଥ୍ୟ କର୍ମୀ ଏବଂ ସେବାପ୍ରଦାନ ଖାତାରେ ଥିବା ସମସ୍ତ ତଥ୍ୟ ଦେଖି ପୂରଣ କରାଯିବ ।

୭.୨.୮ ଅଙ୍ଗନୱାଡ଼ି କର୍ମୀ ଶିଶୁକୁ ପ୍ରତ୍ୟେକ ମାସ ଓଜନ କରିବେ ଏବଂ ମା' ଓ ଶିଶୁ ସୁରକ୍ଷା କାର୍ଡରେ ଉଲ୍ଲେଖ କରିବେ । ଅଙ୍ଗନୱାଡ଼ି କର୍ମୀ ଛୋଟ ଓ ବଡ ଶିଶୁମାନଙ୍କର ଖାଦ୍ୟାଭାସର ନିର୍ଦ୍ଦେଶାବଳୀ ଯେଉଁ ଗୁଡିକ ଶିଶୁ ପାଇଁ ପ୍ରଯୁଜ୍ୟ, ସେହି ବିଷୟରେ ମା' କୁ ପରାମର୍ଶ ଦେବା ଆବଶ୍ୟକ ।

୭.୨.୯ ପ୍ରତ୍ୟେକ ହିତାଧିକାରୀ ମା' ଓ ଶିଶୁ ସୁରକ୍ଷା କାର୍ଡରେ ଥିବା ନବଜାତ ଶିଶୁର କେବଳ ସ୍ତନପାନ, ଅନୁପୂରକ ଖାଦ୍ୟର ଆରମ୍ଭ ଏବଂ ବୟସ ଅନୁଯାୟୀ ଅନୁପୂରକ ଖାଦ୍ୟର ଆରମ୍ଭ ନିମିତ୍ତ ଥିବା ସ୍ୱୀକାରୋକ୍ତି ବକ୍ସରେ ଆଗୁଆ ପୂରଣ ନିଶ୍ଚିତ କରିବେ। ସର୍ତ୍ତାବଳୀଗୁଡ଼ିକ ପୂରଣ ହେଲାପରେ ହିତାଧିକାରୀ ପୁନଃ ମା' ଓ ଶିଶୁ ସୁରକ୍ଷା କାର୍ଡ଼ରେ ଥିବା ଘୋଷଣାନାମା ପୂରଣ କରିବେ।

୭.୩ **ଶିଶୁମାନଙ୍କର ଓଜନ ରେକର୍ଡ ରଖିବା ପାଇଁ ଓଜନ ପଞ୍ଜିକା ରେଜିଷ୍ଟର-୧୧ ଏବଂ ପ୍ରତିଷେଧକ ଟୀକାକରଣ ଓ VHSND ରେଜିଷ୍ଟର ନଂ -୬ ।**

୭.୪ **RCH System ରେ ଦିଆଯାଇଥିବା ସେବାଗୁଡ଼ିକର ସଠିକ ସମୟରେ ପୂରଣ(update) କରିବା ଏବଂ ଏହାର ସଠିକତାକୁ ଯାଞ୍ଚ୍ କରିବା :-**

୭.୪.୧ ମମତା ଯୋଜନା ପାଇଁ ଥିବା ୧୬ଟି ସର୍ତ୍ତରୁ ୧୧ଟି ସର୍ତ୍ତ RCH System ରେ ରହିଛି। RCH System ରେ ହିତାଧିକାରୀ ଦ୍ୱାରା ଏହି ୧୧ଟି ସର୍ତ୍ତାବଳୀ ପୂରଣ

କରିଥିବା ସୂଚନାକୁ ତଦାରଖ କରାଯାଇପାରିବ । ପ୍ରତ୍ୟେକ ମହିଳା ସ୍ୱାସ୍ଥ୍ୟକର୍ମୀ ମା' ଶିଶୁ ସୁରକ୍ଷା କାର୍ଡକୁ ପୂରଣ କରିବା ସହ RCH portal ରେ ସମସ୍ତ ସ୍ୱାସ୍ଥ୍ୟସେବା ସୂଚନାକୁ update କରିବା ପାଇଁ ନିଶ୍ଚିତ କରିବେ ।

## ୮. ସିଡିପିଓଙ୍କ ଭୂମିକା:

୮.୧ ପ୍ରକଳ୍ପ ସ୍ତରରେ ଯୋଜନାର ସଫଳ ପ୍ରୟୋଗ ପାଇଁ ଯୋଜନା ଏବଂ ପରିଚାଳନା କରିବେ ।

୮.୨ ପ୍ରକଳ୍ପ ଓ ସୁପରଭାଇଜର ସ୍ତରରେ IT ସିଷ୍ଟମ (Hardware ଓ Internet Connectivity), ଡାଟା ଏଣ୍ଟ୍ରି ପାଇଁ ଦକ୍ଷ ବ୍ୟକ୍ତି ଅଛନ୍ତି ବୋଲି ନିଶ୍ଚିତ କରିବେ । ଏହା ସହ ଅଙ୍ଗନୱାଡ଼ି କେନ୍ଦ୍ର ସ୍ତରରେ ଆବଶ୍ୟକୀୟ ରେଜିଷ୍ଟର ସୁନିଶ୍ଚିତ କରିବେ ।

୮.୩ ପ୍ରତି ମାସର ୧ ତାରିଖରେ ମମତା କ୍ୟାଲେଣ୍ଡର ଡାଉନ୍‌ଲୋଡ୍ କରି ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଞ୍ଚ କମିଟିର ତଦନ୍ତ ଓ ପ୍ରସାର ପାଇଁ ପଠାଇବେ ।

୮.୪ ମମତା ଯୋଜନାରେ ସଂଶ୍ଳିଷ୍ଟ ସମସ୍ତ କର୍ମକର୍ତ୍ତାମାନଙ୍କୁ ଯୋଜନା ଉପରେ ଉପଯୁକ୍ତ ଓ ନିୟମିତ ତାଲିମ ଦେବା ପାଇଁ ନିଶ୍ଚିତ କରିବେ ।

୮.୫ ମମତା ଯୋଜନାର ଅର୍ଥରାଶି ହସ୍ତାନ୍ତରଣ ଓ ସମସ୍ତ କାର୍ଯ୍ୟାବଳୀକୁ ପର୍ଯ୍ୟାଲୋଚନା କରିବେ ।

୮.୬ ପ୍ରକଳ୍ପ ସ୍ତରରେ ସମସ୍ତ ଅଂଶୀଦାର ସହ ଯୋଗାଯୋଗ ରଖିବେ ଏବଂ ମମତା ଯୋଜନାର ସଫଳ ରୂପାୟନ ନିମନ୍ତେ ନିଶ୍ଚିତ କରିବେ ।

୮.୭ ସିଷ୍ଟମ୍‌ର କାର୍ଯ୍ୟଗତ ତ୍ରୁଟି ପାଇଁ ଯଦି କିଛି ଭୁଲ୍ ତଥ୍ୟ ପ୍ରଦାନ କରାଯାଇଥାଏ, ତାକୁ ପ୍ରୋଟକଲ୍ ଅନୁସାରେ ସଂଶୋଧନ କରିବେ ।

୮.୮ ନିଜ ଅନୁପସ୍ଥିତିରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ସୂଚନା ଦେବେ । ଯଦ୍ୱାରା Software ସମ୍ପର୍କୀୟ ସମସ୍ତ ସମାଧାନ ଉପରେ ଦୃଢ଼ ନିୟନ୍ତ୍ରଣ ରହିପାରିବ ।

୮.୯ ଅଙ୍ଗନୱାଡ଼ିକର୍ମୀ ସୁପରଭାଇଜର ମାଧ୍ୟମରେ ମୋବାଇଲ ଆପ୍‌ରେ ଦେଇଥିବା ହିତାଧିକାରୀଙ୍କ ବିସ୍ତୃତ ବିବରଣୀକୁ ଯାଞ୍ଚ କରିବେ ଏବଂ ୫ ଦିନ ମଧ୍ୟରେ ହିତାଧିକାରୀଙ୍କୁ ଅନୁମୋଦନ/ନାକଚ ନିଶ୍ଚିତ କରିବେ ।

୮.୧୦ ସ୍ୱତନ୍ତ୍ର ସର୍ତ୍ତ ଭିତ୍ତିରେ ଯଦି କୌଣସି ହିତାଧିକାରୀ ବାଦ୍ ପଡିବା ପାଇଁ ଯୋଗ୍ୟ ହୁଅନ୍ତି, ତେବେ କ୍ଷେତ୍ରସ୍ତରୀୟ ଯାଞ୍ଚ ବାଧ୍ୟତାମୂଳକ ହେବ ।

୮.୧୧ ଯଦି କିଛି Software ସମ୍ବନ୍ଧୀୟ ପ୍ରଶ୍ନ ଥାଏ, ସଫ୍ଟୱେୟାରର ବ୍ୟବହାରର ନିର୍ଦ୍ଦେଶାବଳୀ (Software user manual) କୁ ଅନୁସରଣ କରିବେ ।

୮.୧୨ ନିୟମିତ ଭାବରେ ମମତା MIS ରେ ଲଗ୍ ଇନ୍ କରି ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ କଲା ପରେ ପଞ୍ଜୀକରଣ ତଥ୍ୟ ଓ ଦାବି ଥିବା କିସ୍ତିକୁ ଅନୁମୋଦନ କରିବେ । ସିଡ଼ିପିଓ MIS ରେ ଅନୁମୋଦନ କଲାପରେ, ରାଜ୍ୟର DDO ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ସିଧାସଳଖ ଅର୍ଥରାଶି e-transfer ଯୋଗେ ପଠାଇବେ ।

୮.୧୩ ତ୍ରୁଟିଯୁକ୍ତ ରେକର୍ଡ ଥିବା ହିତାଧିକାରୀଙ୍କ ପଞ୍ଜୀକରଣକୁ ନାକଚ କରିବେ ଏବଂ ସଂଶୋଧନ ପାଇଁ ଉପଯୁକ୍ତ ନିର୍ଦ୍ଦେଶ ଦେବେ ।

୮.୧୪ ହିତାଧିକାରୀମାନଙ୍କର ସମସ୍ତ ପ୍ରାପ୍ୟ e-transfer ଦ୍ୱାରା ପଠାଇବେ । ତେଣୁ ବିଳମ୍ବ ନ କରି ସର୍ତ୍ତାବଳୀ ପୂରଣର ସମସ୍ତ ତଥ୍ୟ ଯେପରି ଠିକ୍ ଭାବେ MIS ରେ **ସଠିକ ସମୟରେ ପୂରଣ (update)** ହେବ, ତାହା ଦେଖିବା ସୁପରଭାଇଜର ଓ CDPO ଙ୍କ ଦାୟିତ୍ୱ ଅଟେ ।

୮.୧୫ CDPO ପ୍ରତିମାସରେ ସୁପରଭାଇଜରମାନଙ୍କ ସହ ବସି ମମତା ଯୋଜନାର ଅଗ୍ରଗତି ବିଷୟରେ ସମୀକ୍ଷା କରିବେ ଏବଂ ସମସ୍ତ ତଥ୍ୟ MIS ରେ ଠିକ୍ ସମୟରେ Upload ହେବା ପ୍ରତି ମଧ୍ୟ ଧ୍ୟାନ ଦେବେ ।

୮.୧୬ CDPO ପ୍ରତିମାସ କ୍ଷେତ୍ର ପରିଦର୍ଶନ ସମୟରେ ଯେକୌଣସି ୨୦ ଜଣ ହିତାଧିକାରୀଙ୍କ ସହ ଯୋଗାଯୋଗ କରିବେ । ପ୍ରକଳ୍ପ ସ୍ତରରେ CDPO ଏହି ଯୋଜନାର ଫଳପ୍ରଦ ବିନିଯୋଗ ଏବଂ ଠିକ୍ ଭାବେ କାର୍ଯ୍ୟକାରିତା ନିମନ୍ତେ ଦାୟୀ ରହିବେ ।

**୯. ଆଇସିଡିଏସ୍ ସୁପରଭାଇଜରମାନଙ୍କ ଭୂମିକା :**

୯.୧ ସୁପରଭାଇଜର ତାଙ୍କ ସେକ୍ଟର (ମଣ୍ଡଳୀ)ରେ ଥିବା ସମସ୍ତ ଅଙ୍ଗନୱାଡ଼ିକର୍ମୀମାନଙ୍କୁ ମମତା ଯୋଜନାର ସମସ୍ତ ନୀତି ଓ ନିୟମାବଳୀ ବିଷୟରେ ନିଶ୍ଚିତ ଭାବରେ ଅବଗତ କରାଇବେ । ଯୋଜନାର ନିର୍ଦ୍ଦେଶାବଳୀରେ ହେଉଥିବା ପରିବର୍ତ୍ତନ ବିଷୟରେ ଜଣାଇବା ପାଇଁ ଏବଂ କୌଣସି ଜିଜ୍ଞାସା (ମନରେ ସନ୍ଦେହ) ଥିଲେ ତାକୁ ସମାଧାନ କରିବା ପାଇଁ ନିୟମିତ ଆଲୋଚନା କରିବେ ।

୯.୨ ଅଙ୍ଗନୱାଡ଼ିକର୍ମୀଙ୍କ ଦ୍ୱାରା ସମସ୍ତ ଗର୍ଭବତୀ ମହିଳାଙ୍କ ପଞ୍ଜୀକରଣ, ଆବଶ୍ୟକୀୟ କାଗଜପତ୍ର ସଂଗୃହୀତ ହେବା ଏବଂ Mobile APP ରେ ଠିକ୍ ସମୟରେ ସମସ୍ତ ତଥ୍ୟ ଅପ୍‌ଲୋଡ୍ ହେବାର ସୁନିଶ୍ଚିତ କରିବେ । ଯଦି ଅଙ୍ଗନୱାଡ଼ି କର୍ମୀ ଅନୁପସ୍ଥିତ ରୁହନ୍ତି (ଛୁଟିରେ ରୁହନ୍ତି) ତେବେ ଅଙ୍ଗନୱାଡ଼ି ସହକର୍ମୀ ଏବଂ ସୁପରଭାଇଜରଙ୍କ ଦ୍ୱାରା ଦାୟିତ୍ୱ ଦିଆଯାଇଥିବା ନିକଟସ୍ଥ ଅଙ୍ଗନୱାଡ଼ି କର୍ମୀ ଉପରୋକ୍ତ କାମ କରିବାର ନିଶ୍ଚିତ କରିବେ ।

୯.୩ ଯଦି ଅଙ୍ଗନୱାଡ଼ି କର୍ମୀ ଠିକ୍ ସମୟରେ Mobile APP ରେ ତଥ୍ୟ Upload କରି ନ ପାରନ୍ତି, ତେବେ ସୁପରଭାଇଜର ଦାୟୀ ରହିବେ ।

୯.୪ ଏହା ପରେ ସୁପରଭାଇଜର Mobile APP ରେ ହିତାଧିକାରୀଙ୍କର ଦିଆଯାଇଥିବା ସମସ୍ତ ତଥ୍ୟକୁ ଯାଞ୍ଚ୍ କରିବେ ଏବଂ ଯଥାଶିଘ୍ର ଉକ୍ତ ତଥ୍ୟକୁ CDPO ଙ୍କ ନିକଟରେ ଦାଖଲ କରିବେ ।

୯.୫ ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା Mobile APP ରେ ସର୍ତ୍ତାବଳୀ ପୂରଣର ସମସ୍ତ ତଥ୍ୟ ସଠିକ୍ ଭାବେ ପୂରଣ ହେବାର ପର୍ଯ୍ୟାଲୋଚନ (Monitor) କରିବେ ।

୯.୬ ସୁପରଭାଇଜର ପ୍ରତି ମାସ କ୍ଷେତ୍ର ପରିଦର୍ଶନ ସମୟରେ, ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ଅତି କମ୍‌ରେ ୨୦ ଜଣ ହିତାଧିକାରୀଙ୍କ ତଥ୍ୟକୁ ଯାଞ୍ଚ୍ କରିବେ ଏହା ସହ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ସ୍ତରରେ ଏହି ଯୋଜନା ସମ୍ପର୍କରେ ଯଥେଷ୍ଟ ସଚେତନତା ସୃଷ୍ଟି କରିବା ସୁନିଶ୍ଚିତ କରିବେ ।

୯.୭ ସେ ହିତାଧିକାରୀଙ୍କ ସହ ଆଲୋଚନା କରି ମା' ଓ ଶିଶୁ ସୁରକ୍ଷା କାର୍ଡ଼ରେ ପୂରଣ ହୋଇଥିବା ତଥ୍ୟଗୁଡ଼ିକୁ ଯାଞ୍ଚ୍ କରିବେ ।

୯.୮ ସୁପରଭାଇଜର ପ୍ରତି ମାସ ଅଙ୍ଗନୱାଡ଼ି କର୍ମୀମାନଙ୍କ ସହ ମମତା ଯୋଜନାର ମାସିକ ପ୍ରଗତି ବିଷୟରେ ଆଲୋଚନା କରିବେ ଏବଂ MIS ରେ ସମସ୍ତ ସର୍ତ୍ତାବଳୀ ସମ୍ବନ୍ଧୀୟ ତଥ୍ୟ ସଠିକ୍ ସମୟରେ MIS ରେ **ସଠିକ ସମୟରେ ପୂରଣ (update)** ହେବା ପାଇଁ ନିଶ୍ଚିତ କରିବେ ।

୯.୯ ଅଙ୍ଗନୱାଡ଼ି କେନ୍ଦ୍ରରେ updated ମମତା କ୍ୟାଲେଣ୍ଡରର ପ୍ରଦର୍ଶନ ହେବାର ସୁନିଶ୍ଚିତ କରିବେ ଏବଂ ଦାୟୀ ସେମାନେ ଏହା ପାଇଁ ମଧ ରହିବେ ।

## ୧୦. ପ୍ରକଳ୍ପସ୍ତରୀୟ କାର୍ଯ୍ୟକ୍ରମ ସହାୟକଙ୍କ (Programme Assistant) ଭୂମିକା :

୧୦.୧ କାର୍ଯ୍ୟକ୍ରମ ସହାୟକ database management, ସମସ୍ତ ରିପୋର୍ଟଗୁଡିକୁ download କରିବା, ମା' ଓ ଶିଶୁ ସୁରକ୍ଷା କାର୍ଡ଼ ମହଜୁଦ୍‌ର ପରିଚାଳନା ସହ ମମତା ଯୋଜନା ଓ RCH portal ମଧ୍ୟରେ ତଥ୍ୟଗୁଡିକର ତୁଳନା ପାଇଁ CDPO ଙ୍କୁ ସାହାଯ୍ୟ କରିବେ ।

୧୦.୨ ଯଦି କୌଣସି ହିତାଧିକାରୀଙ୍କ କୌଣସି ପ୍ରାପ୍ୟ ମିଳି ନଥାଏ ତେବେ ସେହି ତାଲିକାକୁ କାର୍ଯ୍ୟକ୍ରମ ସହାୟକ ଯଥାଶିଘ୍ର ସମୀକ୍ଷା କରିବେ ଏବଂ ଅର୍ଥ ପୈଠ ନ ହେବାର କାରଣ

ସହ ସମସ୍ତ ତଥ୍ୟ ପ୍ରତି ଶୁକ୍ରବାର ନିଶ୍ଚିତ ଭାବରେ CDPO ଙ୍କ ନିକଟରେ ଦାଖଲ କରିବେ ଓ CDPO ଆବଶ୍ୟକୀୟ ପଦକ୍ଷେପ ନେବେ ।

୧୦.୩ ସେ ଦେୟ ପାଇବା ପାଇଁ ଯୋଗ୍ୟ ହିତାଧିକାରୀଙ୍କର ନାମ ଅଙ୍ଗନୱାଡ଼ି କେନ୍ଦ୍ର ଅନୁସାରେ ଓ ସେକ୍ଟର ଅନୁସାରେ ଚଳିତ ମାସ ଓ ଆସନ୍ତା ମାସ ପାଇଁ ବାହାର କରି ସୁପରଭାଇଜରଙ୍କ ସହ ଆଲୋଚନା କରିବେ । ସୁପରଭାଇଜର ଚଳିତ ମାସର ଦେୟଗୁଡିକ ସୁନିଶ୍ଚିତ ଯାଞ୍ଚ୍ କରିବେ ଓ ଆସନ୍ତା ମାସର ଦେୟ ସମ୍ପର୍କରେ ଅଙ୍ଗନୱାଡ଼ିକର୍ମୀଙ୍କୁ ସୂଚନା ଦେବେ ।

୧୦.୪ CDPO ଓ ସୁପରଭାଇଜରମାନଙ୍କର କ୍ଷେତ୍ର ପରିଦର୍ଶନର ସବିଶେଷ ତଥ୍ୟ ସଂକଳନ କରି ପ୍ରତି ମାସ ୩ ତାରିଖରେ DSWOଙ୍କୁ email କରିବେ ଏବଂ ଏହାର ଏକ କିତା ନକଲ DPC (ମମତା)ଙ୍କୁ ମଧ ଦେବେ ।

**୧୧. ଜିଲାସ୍ତରୀୟ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ (DPC) ଙ୍କର ଭୂମିକା :**

୧୧.୧ ଜିଲ୍ଲାସ୍ତରରେ ଯୋଜନାର ପ୍ରସ୍ତୁତି ଓ ପରିଚାଳନାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (DSWO) ଙ୍କୁ ସାହାଯ୍ୟ କରିବେ ।

୧୧.୨ ଏହି ଯୋଜନା ସହ ସମ୍ପୃକ୍ତ ଥିବା ସମସ୍ତ କର୍ମଚାରୀମାନଙ୍କର ସଠିକ୍ ଭାବେ ତାଲିମ ପାଇବାର ନିଶ୍ଚିତ କରିବେ ।

୧୧.୩ ଜିଲ୍ଲାର ଖର୍ଚ୍ଚ, କାର୍ଯ୍ୟ ପରିଚାଳନାର ପ୍ରକ୍ରିୟା, ମଣ୍ଡଳ ଓ ପ୍ରକଳ୍ପସ୍ତର ଅନୁଯାୟୀ ଦେୟ ପ୍ରଦାନ ତଥ୍ୟ ସମ୍ବନ୍ଧରେ ବିଶ୍ଳେଷଣ କରି ଜିଲ୍ଲା ପ୍ରଶାସନକୁ ଜଣାଇବେ ।

୧୧.୪ DPMU ଓ ମମତା ଯୋଜନାର ସମସ୍ତ କାର୍ଯ୍ୟକଳାପକୁ ସଂଯୋଜନା କରିବେ ଏବଂ ତାଲିକାଭୁକ୍ତ ବିଷୟକୁ କାର୍ଯ୍ୟରେ ସୁନିଶ୍ଚିତ କରିବାରେ DSWO ଙ୍କୁ ସହାୟକ ହେବେ ।

୧୧.୫ ଏହି ଯୋଜନାରେ ପ୍ରଯୁଜ୍ୟ ଥିବା ପ୍ରୋତ୍ସାହନ ରାଶିକୁ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ କିପରି ପାଇପାରିବେ ସେଥିପାଇଁ ବ୍ୟବସ୍ଥା କରିବେ ।

୧୧.୬ ଆଗରୁ ଜିଲ୍ଲାରେ ନିଆଯାଇଥିବା ସତର୍କତା ଯୋଗୁଁ କିମ୍ବା ତ୍ରୁଟିପୂର୍ଣ୍ଣ ଭାବେ କାମ କରୁଥିବା ଅବସ୍ଥା ଯୋଗୁଁ ଯଦି ଅସୁବିଧା (error) ଦେଖାଦେଲା, ଉକ୍ତ ତ୍ରୁଟି ସଂଶୋଧନ ପାଇଁ ଯଥାଶିଘ୍ର ବ୍ୟବସ୍ଥା କରିବେ ।

୧୧.୭ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ବ୍ୟାଙ୍କଗୁଡିକ ସହ ସମନ୍ୱୟ ରକ୍ଷା କରି ପରିଯୋଜନା କାର୍ଯ୍ୟକାରୀ କରିବାରେ ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ କରିବେ ।

୧୧.୮ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ପ୍ରତ୍ୟେକ ମାସରେ କ୍ଷେତ୍ରରେ ପରିଦର୍ଶନ କରି ଅଙ୍ଗନୱାଡ଼ି କର୍ମୀ ପଠାଇଥିବା ହିତାଧିକାରୀଙ୍କ ତଥ୍ୟ ମଧ୍ୟରୁ ୫୦ ଗୋଟି ତଥ୍ୟ ଯାଞ୍ଚ୍ କରିବେ । ଏହା ପ୍ରକଳ୍ପର ବିଭିନ୍ନ ଅଙ୍ଗନୱାଡ଼ି/ ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ଯାଞ୍ଚ୍ ହେବା ଆବଶ୍ୟକ ।

୧୧.୯ ପ୍ରକଳ୍ପସ୍ତରୀୟ ଏବଂ ଜିଲ୍ଲାସ୍ତରୀୟ କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ ସମୟରେ ପାଇଥିବା ତଥ୍ୟଗୁଡ଼ିକ ସଂଗ୍ରହ କରିବା ଏବଂ ମମତାର ଅନ୍ୟ ରିପୋର୍ଟ ସହ ଏହାକୁ Collector ଙ୍କ ନିକଟରେ ଦାଖଲ କରିବେ ଯାହା ଦ୍ୱାରା କି Collector ଜିଲ୍ଲାରେ ଅନ୍ୟାନ୍ୟ ବିଷୟ ସହ ଏହାକୁ ସମୀକ୍ଷା କରିପାରିବେ ।

୧୧.୧୦ ହିତାଧିକାରୀମାନଙ୍କ ସହ ଆଲୋଚନା ମାଧ୍ୟମରେ ଯୋଜନା ରେଜିଷ୍ଟରରୁ ପୂରଣ ହୋଇଥିବା ସର୍ତ୍ତଗୁଡ଼ିକର ସଠିକତା ଯାଞ୍ଚ୍ କରିବେ ।

୧୧.୧୧ ମା' ଓ ଶିଶୁ ସୁରକ୍ଷା ପତ୍ରିକାର ତଥ୍ୟଗୁଡ଼ିକ ସହ ଯୋଜନା ରେଜିଷ୍ଟର ଓ ଅଙ୍ଗନୱାଡି/ ମିନି ଅଙ୍ଗନୱାଡି କେନ୍ଦ୍ରରେ ପ୍ରଦର୍ଶିତ ହୋଇଥିବା କ୍ୟାଲେଣ୍ଡରର ତଥ୍ୟଗୁଡ଼ିକୁ ମେଳ କରି ଯାଞ୍ଚ୍ କରିବା ଆବଶ୍ୟକ ।

୧୧.୧୨ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରିବେ ।

୧୧.୧୩ ଆନ୍ତଃବିଭାଗ ସମନ୍ୱୟ ବୈଠକ ନିମନ୍ତେ ପ୍ରତି ମାସରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ମା' ଓ ଶିଶୁ ସୁରକ୍ଷା ପତ୍ରିକା, ଲୌହ ବଟିକା, ଟୀକାକରଣ ଇତ୍ୟାଦିର ଯୋଗାଣ ଏବଂ ଆଇ.ସି.ଡି.ଏସ୍ ଓ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ସେବାଗୁଡ଼ିକ ସମ୍ବନ୍ଧରେ ବିବରଣୀ ପ୍ରସ୍ତୁତ କରିବେ ।

୧୧.୧୪ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ନିର୍ଦ୍ଦେଶାବଳୀ ଅନୁଯାୟୀ ନିର୍ଦ୍ଦିଷ୍ଟ ବ୍ୟବଧାନରେ କାର୍ଯ୍ୟକ୍ରମର ତନଖି (Audit) କରିବା ଆବଶ୍ୟକ ।

୧୧.୧୫ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ମମତା ଯୋଜନାର ଅଭିଯୋଗ Helpline(181) ର ପରିଚାଳନା କରିବେ । ସେ ଏହାର ଅନୁପାଳନ (Compliance) ପ୍ରସ୍ତୁତ କରିବା ସହିତ ଜିଲ୍ଲାପାଳଙ୍କୁ ନିୟମିତ ଭାବରେ ପ୍ରତ୍ୟେକ ଦିନର updated ବିବରଣୀ /ତଥ୍ୟ ପ୍ରଦାନ କରିବେ ।

୧୧.୧୬ ନିର୍ଦ୍ଦେଶାବଳୀ ଅନୁଯାୟୀ IEC / BCC କାର୍ଯ୍ୟକ୍ରମଗୁଡ଼ିକୁ ସେ ନିଶ୍ଚିତ କରିବେ ।

**୧୨. ଜିଲ୍ଲାସ୍ତରରେ କାର୍ଯ୍ୟକ୍ରମ ସହାୟକ(DPA)ଙ୍କ ଭୂମିକା :**

୧୨.୧ ଜିଲ୍ଲା କାର୍ଯ୍ୟକ୍ରମ ସହାୟକ ଡାଟାବେସ୍ ମ୍ୟାନେଜମେଣ୍ଟ୍ (ପରିଚାଳନା ରିପୋର୍ଟଗୁଡିକ ଡାଉନଲୋଡ୍ କରିବା, ମମତା MIS ଓ RCH ପୋର୍ଟାଲ୍ ସହ ତଥ୍ୟଗୁଡିକର ମେଳ କରିବାରେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ସାହାଯ୍ୟ କରିବେ ।

୧୨.୨ ପ୍ରକଳ୍ପସ୍ତରରେ ଏବଂ ମଣ୍ଡଳ ସ୍ତରରେ, ଚଳିତ ମାସ ଓ ଆସନ୍ତା ମାସ ପ୍ରାପ୍ୟ ପାଇବା ନିମନ୍ତେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରି ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ (DPC)ଙ୍କୁ ଦେବେ । ସୁପରଭାଇଜର ପ୍ରାପ୍ୟ ପାଇବାକୁ ଥିବା ହିତାଧିକାରୀମାନଙ୍କ ତାଲିକାକୁ ମାର୍ଗକରଣ (track) କରିବେ ଏବଂ ଆସନ୍ତାମାସ ପ୍ରାପ୍ୟ ନିମନ୍ତେ ଯୋଗ୍ୟ ହିତାଧିକାରୀଙ୍କ ନାମଗୁଡିକୁ ଅଙ୍ଗନୱାଡି କର୍ମୀମାନଙ୍କୁ ଜଣାଇବେ ।

୧୨.୩ ଜିଲ୍ଲା କାର୍ଯ୍ୟକ୍ରମ ସହାୟକ (DPA) ତାଙ୍କ ପରିଦର୍ଶନର ସମସ୍ତ ତଥ୍ୟ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ(DSWO), ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ(DPC), CDPO ଓ ସମସ୍ତ ସୁପରଭାଇଜରଙ୍କ ସହ ଆଲୋଚନା କରିବେ ଏବଂ DSWO ଙ୍କୁ ପ୍ରତିମାସର ସଂକଳନ (Complied) ରିପୋର୍ଟ ଦେବା ଏବଂ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଉପସ୍ଥାପନା କରିବା ନିମନ୍ତେ ସହଯୋଗ କରିବେ ।

## ୧୩. ଯାଞ୍ଚ୍ କମିଟି, ମାତୃ କମିଟି ଓ ପଞ୍ଚାୟତରାଜ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଭୂମିକା :

୧୩.୧ ଅଙ୍ଗନୱାଡି କର୍ମୀ ବ୍ୟାଙ୍କ୍ ତାଲିକା ଏବଂ ଆଧାରର ସମସ୍ତ ବିବରଣୀର ଏକ ନକଲ ତଦାରଖ ପାଇଁ ନିଜ ପାଖରେ ରଖିବେ । ଏହାର ସାରାଂଶ ନିର୍ଦ୍ଧାରିତ କ୍ୟାଲେଣ୍ଡର ଫର୍ମାଟରେ ଲେଖି ଅଙ୍ଗନୱାଡି କେନ୍ଦ୍ର ବାହାରେ ପ୍ରଦର୍ଶନ କରିବେ । ଯାଞ୍ଚ୍ କମିଟି, ମାତୃ କମିଟି ଓ ପଞ୍ଚାୟତରାଜ ଅନୁଷ୍ଠାନର କର୍ମକର୍ତ୍ତାମାନେ କ୍ୟାଲେଣ୍ଡରର ତଥ୍ୟ ସହିତ ହିତାଧିକାରୀମାନଙ୍କର MCP କାର୍ଡରେ ଥିବା ତଥ୍ୟ, ଅଙ୍ଗନୱାଡ଼ି କର୍ମୀଙ୍କ ପାଖରେ ଥିବା ପଞ୍ଜିକା ଏବଂ ବ୍ୟାଙ୍କ ତାଲିକାକୁ ଯାଞ୍ଚ୍ କରିବେ । ଯଦି ଏଥିରେ କିଛି ଭୁଲ୍ ଚିହ୍ନଟ ହେଲା CDPO, DSWO ଏବଂ ଜିଲ୍ଲାପାଳଙ୍କ ନଜରକୁ ଆଣିବେ ।

## ୧୪. ଜନନୀ ସୁରକ୍ଷା ଯୋଜନା ସହିତ ଏହି ଯୋଜନାର ସମ୍ପର୍କ :-

କର୍ମୀ ହିତାଧିକାରୀମାନଙ୍କୁ ଆନୁଷ୍ଠାନିକ ପ୍ରସବ(Institutional Delivery) ନିମନ୍ତେ ଜନନୀ ସୁରକ୍ଷା ଯୋଜନାର ସୁବିଧା ନେବା ପାଇଁ ଉତ୍ସାହିତ କରିବେ । ଗ୍ରାମ୍ୟ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ଦିବସରେ (VHSND) ସ୍ୱାସ୍ଥ୍ୟକର୍ମୀ ମଧ ଏହାକୁ ଗୁରୁତ୍ୱ ଦେବେ । ସମସ୍ତ ପ୍ରସବ ସହାୟିକା, ପ୍ରସବ ସମୟରେ ମା'ଙ୍କ ପାଖରେ ଉପସ୍ଥିତ ରହି ଶିଶୁ ଜନ୍ମର ଏକ ଘଣ୍ଟା ମଧରେ ସ୍ତନପାନ

ଆରମ୍ଭ କରାଇବା, କଷ କ୍ଷୀର(Colostrum) ଦେବା ଏବଂ ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନପାନ କରାଇବା ପାଇଁ ମା'ଙ୍କୁ ପ୍ରବର୍ତ୍ତାଇବେ ।

**୧୫. ଅର୍ଥ ପ୍ରଦାନର ପ୍ରଣାଳୀ:-**

**ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ:-**

- ଇ-ଟ୍ରାନ୍ସଫର ମାଧ୍ୟମରେ ହିତାଧିକାରୀଙ୍କ ଦେୟ ରାଶି ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଦିଆଯିବ ।
- କୌଣସି ଦେୟ ଟଙ୍କା ବା ଚେକ୍ ଆକାରରେ ଦିଆଯିବ ନାହିଁ ।
- ବ୍ୟାଙ୍କ୍‌ରେ ଜମାଖାତା ଖୋଲାଯିବାର ଦାୟିତ୍ୱ ହିତାଧିକାରୀଙ୍କ ଉପରେ ନ୍ୟସ୍ତ ରହିବ ।

**୧୬. ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାଙ୍କ ପାଇଁ ପ୍ରୋତ୍ସାହନ :-**

ପ୍ରତିଟି ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାଙ୍କ ନାମରେ ଥିବା ବ୍ୟାଙ୍କ୍ ଜମା ଖାତାରେ ତାଙ୍କର ମାନଦେୟ ରାଶି (honorarium) ଜମା ହୋଇ ଆସୁଅଛି । ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାଙ୍କର ଉକ୍ତ ଯୋଜନାର ପ୍ରୋତ୍ସାହନ ରାଶି ମଧ୍ୟ ଏହି ଜମା ଖାତାରେ ଇ-ଟ୍ରାନ୍ସଫର ଯୋଗେ ଉପଲବ୍ଧ ହେବ ।

**୧୭. ଅଙ୍ଗନୱାଡି କର୍ମୀଙ୍କ ଭୂମିକା:-**

୧୭.୧ ଆଶା ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ସହଯୋଗରେ ପ୍ରତି ହିତାଧିକାରୀଙ୍କୁ ଯଥାଶୀଘ୍ର ପଞ୍ଜୀକରଣ କରିବେ ଏବଂ ସର୍ତ୍ତଗୁଡିକ ପୂରଣ କରିବା ନିମନ୍ତେ ନିଶ୍ଚିତ କରାଇବେ ।

୧୭.୨ ହିତାଧିକାରୀମାନଙ୍କୁ ସର୍ତ୍ତଗୁଡିକ ପୂରଣ କରିବା ନିମନ୍ତେ ଉତ୍ସାହିତ କରିବେ ।

୧୭.୩ ସର୍ତ୍ତଗୁଡିକ ପୂରଣ କରିବା ପାଇଁ ଆବଶ୍ୟକ ଯୋଗାଣ / ସେବାଗୁଡ଼ିକୁ ସ୍ୱାସ୍ଥ୍ୟ କର୍ମକର୍ତ୍ତାଙ୍କ ସହାୟତାରେ ଉପଲବ୍ଧ କରାଇବେ । ଯଦି କୌଣସି ଅସୁବିଧା ଥାଏ, ଅଙ୍ଗନୱାଡି କର୍ମୀ ତୁରନ୍ତ ଏହା ସୁପରଭାଇଜରଙ୍କୁ ଜଣାଇବା ଦରକାର ।

୧୭.୪ ହିତାଧିକାରୀମାନେ ଯେପରି ନିୟମିତ ଭାବରେ ଗ୍ରାମ୍ୟ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ଦିବସ କିମ୍ବା ଗୃହ ପରିଦର୍ଶନ ମାଧ୍ୟମରେ ପରାମର୍ଶ ପାଆନ୍ତି ତାହା ନିଶ୍ଚିତ କରାଇବେ ।

୧୭.୫ ସଠିକ୍ ଭାବରେ ସମସ୍ତ ରେକର୍ଡ ପୂରଣ କରିବେ ।

୧୭.୬ ହିତାଧିକାରୀଙ୍କ ନାମ ଏବଂ ଦେୟ ନିର୍ଦ୍ଧାରିତ ଫର୍ମାଟ୍‌ରେ କେନ୍ଦ୍ର ବାହାରେ ପ୍ରଦର୍ଶନ କରିବେ ।

୧୭.୭ ଗ୍ରାମ କଲ୍ୟାଣ ସମିତିର ମାସିକ ବୈଠକରେ ହିତାଧିକାରୀ ଏବଂ ସେମାନେ ପାଇଥିବା ଅର୍ଥରାଶି ବିଷୟରେ ଆଲୋଚନା କରିବେ ।

୧୭.୮ ପ୍ରତି ମାସର ମାସିକ ବିବରଣୀ, ପରବର୍ତ୍ତୀ ମାସର ୧ ତାରିଖ ଦିନ କ୍ଷେତ୍ର (Sector) ମିଟିଂରେ ସୁପରଭାଇଜରଙ୍କୁ ପ୍ରଦାନ କରିବେ ।

୧୭.୯ ଗର୍ଭବତୀ ମହିଳାମାନଙ୍କର ନାମ ପ୍ରତ୍ୟେକ ମାସରେ **VHSND** ଅନୁଷ୍ଠିତ ହୋଇସାରିବାପରେ ଅଙ୍ଗନୱାଡି କର୍ମୀ, ଆଶା ଓ ମହିଳା ସ୍ୱାସ୍ଥ୍ୟକର୍ମୀ ନିଜ ନିଜ ନଥିପତ୍ରର ତଥ୍ୟକୁ ସେହିଦିନ ମିଳେଇବେ ।

୧୭.୧୦ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଭିନ୍ନକ୍ଷମ ଗର୍ଭବତୀ ମହିଳା ଓ ପ୍ରସୂତି ମା'ମାନଙ୍କୁ ଅଙ୍ଗନୱାଡ଼ି କର୍ମୀ ଗୁରୁତ୍ୱ ଦେବା ଆବଶ୍ୟକ । ଗୃହ ପରିଦର୍ଶନ ମାଧ୍ୟମରେ ସେମାନଙ୍କ ପାଇଁ ଅଙ୍ଗନୱାଡ଼ି କର୍ମୀ ଆବଶ୍ୟକୀୟ ସେବା ପ୍ରଦାନକୁ ନିଶ୍ଚିତ କରିବେ ।

୧୭.୧୧ ହିତାଧିକାରୀ ପ୍ରଥମ କିସ୍ତି ପାଇଲା ପରେ ସେ (କ) ପ୍ରସବର ୧ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଇଥିବା (ଖ) ୬ ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଦେଇଥିବା (ଗ) ୬ ମାସ ପରେ ଅନୁପୂରକ ଖାଦ୍ୟ ଦେବା ଆରମ୍ଭ କରିଥିବା (ଘ) ୬ ମାସ ପରେ ବୟସ ଅନୁଯାୟୀ ଖାଦ୍ୟ ଦେଇଥିବାର ପ୍ରମାଣସ୍ୱରୂପ, ମା' ଓ ଶିଶୁ ସୁରକ୍ଷା କାର୍ଡରେ ଥିବା ସ୍ୱୀକାରୋକ୍ତି ଫର୍ମରେ ଦସ୍ତଖତ କରିବେ । ଏହି କାର୍ଯ୍ୟଟି ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ନିଶ୍ଚିତ କରାଯିବ ।

୧୭.୧୨ ଅଙ୍ଗନୱାଡ଼ି କର୍ମୀ ୧୦୦ ପ୍ରତିଶତ ମମତା ହିତାଧିକାରୀଙ୍କ ନାମ Mobile App ରେ ପଞ୍ଜୀକୃତ କରିବା ଓ ମମତା ଯୋଜନା ନିମନ୍ତେ ଯୋଗ୍ୟ ହିତାଧିକାରୀଙ୍କର ସମସ୍ତ ତଥ୍ୟ Mobile App ରେ ସଠିକ୍ ସମୟରେ ପୂରଣ (update) କରିବା ନିଶ୍ଚିତ କରିବେ ।

୧୭.୧୩ ବ୍ୟାଙ୍କ୍ ତାଲିକାରେ ଏକ ନକଲ ଓ ଆଧାରର ସମସ୍ତ ତଥ୍ୟ ରଖିବା ସହିତ ହିତାଧିକାରୀଙ୍କ ଏ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ କରିବାକୁ ରାଜି କରାଇବେ ।

## ୧୮. ଅଙ୍ଗନୱାଡ଼ି ସହାୟିକାଙ୍କର ଭୂମିକା :-

୧୮.୧ ସର୍ତ୍ତଗୁଡିକ ପୂରଣ କରିବା ପାଇଁ ହିତାଧିକାରୀମାନଙ୍କୁ ପ୍ରବର୍ତ୍ତାଇବେ ।

୧୮.୨ ଗୃହ ପରିଦର୍ଶନ ମାଧ୍ୟମରେ ପରାମର୍ଶ ଦେବେ ।

୧୮.୩ ଗ୍ରାମ୍ୟ ସ୍ୱାସ୍ଥ୍ୟ, ପରିମଳ ଓ ପୁଷ୍ଟି ଦିବସ ଏବଂ ନିର୍ଦ୍ଧାରିତ ପ୍ରତିଷେଧକ ଟୀକାଦାନ ଦିବସକୁ ଆସିବା ପାଇଁ ହିତାଧିକାରୀମାନଙ୍କୁ ପ୍ରବର୍ତ୍ତାଇବେ ।

**୧୯. ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକାମାନଙ୍କ ପାଇଁ ପ୍ରୋତ୍ସାହନ :-**

୧୯.୧ ସମସ୍ତ ପ୍ରାପ୍ୟ ଟଙ୍କା ହିତାଧିକାରୀମାନଙ୍କୁ ପ୍ରଦାନ କରି ସାରିବାପରେ ପ୍ରତି ହିତାଧିକାରୀ ପିଛା ୨୦୦ ଟଙ୍କା (ଦୁଇ ଶତ ଟଙ୍କା) ପ୍ରୋତ୍ସାହନ ବାବଦରେ ଅଙ୍ଗନୱାଡି କର୍ମୀ / ମିନି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ପାଇବା ପାଇଁ ହକ୍‌ଦାର ହେବେ ।

୧୯.୨ ସମସ୍ତ ପ୍ରାପ୍ୟ ଟଙ୍କା ହିତାଧିକାରୀ ମାନଙ୍କୁ ପ୍ରଦାନ କରିସାରିବା ପରେ ଅଙ୍ଗନୱାଡ଼ି ସହାୟିକାମାନେ ୧୦୦ ଟଙ୍କା (ଏକ ଶତ ଟଙ୍କା) ପ୍ରୋତ୍ସାହନ ରାଶି ପାଇବା ପାଇଁ ହକ୍‌ଦାର ହେବେ ।

୨୦. ହିତାଧିକାରୀମାନେ କେବେ ପ୍ରାପ୍ୟ ପାଇବା ପାଇଁ ଯୋଗ୍ୟ ହେବେ ?

ନିମ୍ନଲିଖିତ ସର୍ତ୍ତଗୁଡିକ ମଧ୍ୟରୁ ଯେ କୌଣସି ଗୋଟିଏ ସର୍ତ୍ତରେ ଦେୟ ପ୍ରଦାନ ସମ୍ପୂର୍ଣ୍ଣ ହେବ-

୨୦.୧ ହିତାଧିକାରୀ ସମସ୍ତ ୨ଟି କିସ୍ତି ବାବଦକୁ ଟ. ୫୦୦୦/- (ପାଞ୍ଚ ହଜାର) ପାଇଥିବେ ।

୨୦.୨ ଗର୍ଭପାତ ହୋଇଥିଲେ ହିତାଧିକାରୀ ପ୍ରଥମ କିସ୍ତି ବାବଦକୁ ୩୦୦୦/- ଟଙ୍କା (ତିନି ହଜାର) ପାଇଥିବେ ।

୨୦.୩ ମୃତ ସନ୍ତାନ ଜନ୍ମ ହେବାପରେ ହିତାଧିକାରୀ ପ୍ରଥମ କିସ୍ତି ଅର୍ଥ ରାଶି ପାଇଥିବେ ।

୨୦.୪ ଜନ୍ମର ୧୦ ମାସ ମଧ୍ୟରେ ଶିଶୁଟି ମୃତ୍ୟୁବରଣ କରିବା ପରେ ହିତାଧିକାରୀ ପ୍ରଥମ କିସ୍ତି ଅର୍ଥ ୩୦୦୦/- ଟଙ୍କା ପାଇଥିବେ ।

୨୦.୫ ହିତାଧିକାରୀ ଜାଆଁଳା ଶିଶୁ ଜନ୍ମ କରିଅଛନ୍ତି କିନ୍ତୁ ପ୍ରସବର ୧୦ ମାସ ପରେ କେବଳ ଗୋଟିଏ ଶିଶୁ ଜୀବିତ, ସମସ୍ତ ସର୍ତ୍ତାବଳୀକୁ ଜୀବିତ ଶିଶୁ ପୂରଣ କରିଅଛି ଏବଂ ଉଭୟ କିସ୍ତିର ପରିମାଣ ଅର୍ଥ ୫୦୦୦/- ଟଙ୍କା ପାଇଥିବେ ।

୨୦.୬ ଯେଉଁ ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଜୀକୃତ ହୋଇ ହିତାଧିକାରୀ ସ୍ଥାୟୀଭାବରେ ସ୍ଥାନାନ୍ତରିତ ହୋଇଥିବେ, ୬ ମାସ ପରେ ସେମାନଙ୍କର ଦେୟ ପ୍ରାପ୍ୟ ପାଇବାର ତାରିଖ ମଧ୍ୟରେ ସେ

ଚିହ୍ନଟ ହୋଇନଥିବେ ଏବଂ ସେମାନଙ୍କୁ ଅନୁମୋଦନ କରି ପାଇବାକୁ ଥିବା ଗଚ୍ଛିତ ମାମଲାକୁ ୨.୬ ରେ ବର୍ଣ୍ଣନା କରାଯାଇଥିବା (Protocol) ଅନୁସାରେ ବନ୍ଦ କରି ଦିଆଯିବ ।

**୨୧. ନଥି ପତ୍ର ଓ ବିବରଣୀ :-**

୨୧.୧ ହିତାଧିକାରୀମାନଙ୍କଠାରୁ ସେମାନଙ୍କର ଫଟୋ, ସ୍ୱୀକାରୋକ୍ତିର ନକଲ ଓ ବ୍ୟାଙ୍କ୍ ପାସ୍ ବହିର ପ୍ରଥମ ପୃଷ୍ଠାର ନକଲ, ହିତାଧିକାରୀଙ୍କର ଆଧାର କାର୍ଡର ନକଲ ଏବଂ ମା' ଓ ଶିଶୁ ସୁରକ୍ଷା ପତ୍ରିକାର ନକଲ (RCH ନମ୍ବର ସହ) ସଂଗହ କରି ଅଙ୍ଗନୱାଡ଼ି କେନ୍ଦ୍ରରେ ରଖିବେ। ଭବିଷ୍ୟତରେ ତଥ୍ୟ ସଂଗହ ନିମନ୍ତେ ଏହା ଆବଶ୍ୟକ ହୋଇପାରେ। ଯଦି ହିତାଧିକାରୀ online apply କରୁଥିବେ ତେବେ ସ୍ୱୀକାରୋକ୍ତି ଫର୍ମର ଆବଶ୍ୟକ ହେବ ନାହିଁ।

୨୧.୨ ଅଙ୍ଗନୱାଡ଼ି କର୍ମୀ ଏବଂ ହିତାଧିକାରୀଙ୍କ ପାଖରେ ଥିବା ମା' ଓ ଶିଶୁ ସୁରକ୍ଷା କାର୍ଡଗୁଡ଼ିକ ସଠିକ୍ ସମୟରେ ପୂରଣ (update) କରାଯିବ।

୨୧.୩ CDPO ଙ୍କ ଦ୍ୱାରା, ମମତା ଯୋଜନାର ଦେୟ କ୍ୟାଲେଣ୍ଡରର ପ୍ରସ୍ତୁତ କରାଯାଇ online ଅଙ୍ଗନୱାଡ଼ି କର୍ମୀଙ୍କ ପାଖକୁ ପଠାଇବେ, ଯାହାକୁ କର୍ମୀ ଅଙ୍ଗନୱାଡି କେନ୍ଦ୍ରର ବାହାର କାନ୍ଥରେ ପ୍ରଦର୍ଶିତ କରାଇବେ।

୨୧.୪ ଅଙ୍ଗନୱାଡି କେନ୍ଦ୍ର ସ୍ତରରେ ହିତାଧିକାରୀମାନେ ସମସ୍ତ ସର୍ତ୍ତ ପୂରଣ କରୁଛନ୍ତି କି ନାହିଁ ଜାଣିବା ପାଇଁ ରେଜିଷ୍ଟର-୧୧ ଓଜନ ରେଜିଷ୍ଟର, ପ୍ରତିଷେଧକ ଟୀକା ରେଜିଷ୍ଟର ଏବଂ VHSND ରେଜିଷ୍ଟର-୬ ଗୁଡିକୁ ସଠିକ୍ ସମୟରେ ପୂରଣ (update) ହୋଇଥିବା ଆବଶ୍ୟକ।

**୨୨. ନିରୀକ୍ଷଣ ଏବଂ ପରିଦର୍ଶନ :-**

୨୨.୧ ଏହି ଯୋଜନା ପାଇଁ ଆଇ.ସି.ଡି.ଏସ୍ ଅଧିନରେ ଥିବା ସମସ୍ତ ସ୍ତରରେ ନିରୀକ୍ଷଣ ଏବଂ ପରିଦର୍ଶନ ପ୍ରକ୍ରିୟା ବ୍ୟବସ୍ଥା ଅଛି । ନିମ୍ନ **ଟେବୁଲ-୨** ଦର୍ଶାଯାଇଥିବା ନିର୍ଦ୍ଧାରିତ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଯାୟୀ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (DSWO) / ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ(PO)/ ଶିଶୁ ବିକାଶ ଯୋଜନା ଅଧିକାରୀ (CDPO) / ସୁପରଭାଇଜର (Supervisors) କ୍ଷେତ୍ର ପରିଦର୍ଶନ କରିବେ ।

| କ୍ର.ନଂ | ଅଧିକାରୀଙ୍କ ଶ୍ରେଣୀ ବିଭାଗ | ନିର୍ଘଣ୍ଟ / ପ୍ରସ୍ତାବିତ ଆବଶ୍ୟକତା |
|---|---|---|
| ୧ | ସୁପରଭାଇଜର | ପ୍ରତି ମାସରେ ଅତି କମ୍‌ରେ ନିଜ ଅଧିନସ୍ଥ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ଯେ କୌଣସି ୨୦ଟି ହିତାଧିକାରୀଙ୍କ ତଥ୍ୟ |

| | | |
|---|---|---|
| | | ଯାଞ୍ଚ୍ କରିବେ । |
| ୨ | ସି.ଡି.ପି.ଓ | ପ୍ରତି ମାସରେ ଅତି କମ୍‌ରେ ପ୍ରକଳ୍ପ ଅଞ୍ଚଳର ଯେ କୌଣସି ୨୦ ଟି ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ୍ କରିବେ । |
| ୩ | ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ (DPC) | ପ୍ରତି ମାସରେ ଜିଲ୍ଲାର ପ୍ରକଳ୍ପ ଅଞ୍ଚଳରେ ଯେ କୌଣସି ୫୦ଟି ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ୍ କରିବେ । |
| ୪ | ପ୍ରୋଗ୍ରାମ ଅଫିସର (ICDS) | ପ୍ରତି ମାସରେ ଜିଲ୍ଲାର ପ୍ରକଳ୍ପ ଅଞ୍ଚଳରେ ଯେ କୌଣସି ୨୦ଟି ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ୍ କରିବେ । |
| ୫ | ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (DSWO) | ପ୍ରତି ମାସରେ ଜିଲ୍ଲାର ପ୍ରକଳ୍ପ ଅଞ୍ଚଳରେ ଯେ କୌଣସି ୨୦ଟି ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ୍ କରିବେ । |
| ୬ | ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ (SPC) | ପ୍ରତି ମାସରେ ଜିଲ୍ଲାର ପ୍ରକଳ୍ପ ଅଞ୍ଚଳରେ ଯେ କୌଣସି ୧୫ଟି ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ୍ କରିବେ । |

୨୨.୨ ଅଙ୍ଗନୱାଡି କର୍ମୀ ପ୍ରତି ମାସରେ ମମତା ଯୋଜନାର ସମସ୍ତ ରେଜିଷ୍ଟର ନିୟମିତ ପୂରଣ କରିବେ । କର୍ମୀ ଖାତାର ସଂପୂର୍ଣ୍ଣ ବିବରଣୀ ଯାଞ୍ଚ୍ କମିଟି, ଗାଁ କଲ୍ୟାଣ ସମିତି ଓ ମାତୃ କମିଟି ସହ ଆଲୋଚନା କରିବେ ।

୨୨.୩ ଅଙ୍ଗନୱାଡି କେନ୍ଦ୍ରରେ ସେ ହିତାଧିକାରୀଙ୍କ ଫଟୋ ସହିତ ସ୍ୱୀକାରୋକ୍ତି ଫର୍ମ ଏବଂ ହିତାଧିକାରୀଙ୍କ ବ୍ୟାଙ୍କ୍ ପାସ୍‌ବୁକ୍‌ର ପ୍ରଥମ ପୃଷ୍ଠାର ନକଲ, ଆଧାର କାର୍ଡର ନକଲ, ମା' ଓ ଶିଶୁ ସୁରକ୍ଷା ପତ୍ରିକାର ନକଲ (RCH ନମ୍ବର ସହ) ରଖିବେ ।

୨୨.୪ **e-transfer** ଦ୍ୱାରା ହିତାଧିକାରୀଙ୍କୁ ମିଳିଥିବା ପ୍ରାପ୍ୟର ସମସ୍ତ ବିବରଣୀ ମମତା କ୍ୟାଲେଣ୍ଡରରେ ପୂରଣ କରି ଅଙ୍ଗନୱାଡ଼ି କେନ୍ଦ୍ର ବାହାରେ ପ୍ରଦର୍ଶିତ କରାଇବେ ।

୨୨.୫ ଅଙ୍ଗନୱାଡ଼ି କେନ୍ଦ୍ରରେ ଯାଞ୍ଚ୍ କମିଟି, ମାତୃ କମିଟି ଓ ପଞ୍ଚାୟତ ସଦସ୍ୟମାନେ ଅଙ୍ଗନୱାଡ଼ି କେନ୍ଦ୍ରରେ ଯୋଜନା ସମ୍ପର୍କୀୟ ନଥିପତ୍ର ଯାଞ୍ଚ୍ କରିପାରିବେ ।

୨୨.୬ ସର୍ବାଧିକ ସଂଖ୍ୟକ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ସୁପରଭାଇଜର ନିଜ ପରିସରରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକର ଲିପିବଦ୍ଧ ହିତାଧିକାରୀ ତଥ୍ୟ ମଧ୍ୟରୁ ୨୦ଟି ପରିଦର୍ଶନ ମାଧ୍ୟମରେ ଯାଞ୍ଚ୍ କରିବେ । ଏହା କେବଳ ନଥିପତ୍ର ଯାଞ୍ଚ୍ ନୁହେଁ ବରଂ ସେ ପ୍ରକୃତ ହିତାଧିକାରୀମାନଙ୍କ ସହ ଆଲୋଚନା କରି ଅର୍ଥ ପାଇଛନ୍ତି କି ନାହିଁ ଯାଞ୍ଚ୍ କରିବା ଉଚିତ୍ । ଅଙ୍ଗନୱାଡ଼ି କେନ୍ଦ୍ରରେ ପ୍ରଦର୍ଶିତ ହୋଇଥିବା କ୍ୟାଲେଣ୍ଡର ତଥ୍ୟ ସହିତ ବ୍ୟାଙ୍କ୍ ବିବରଣୀକୁ ମଧ୍ୟ ଯାଞ୍ଚ୍ କରିବା ଉଚିତ୍ ।

୨୨.୭ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମଧ୍ୟ ପ୍ରତିମାସରେ ପ୍ରସ୍ତାବିତ ହିତାଧିକାରୀଙ୍କ ମଧ୍ୟରୁ ଯେ କୌଣସି ୨୦ଟି ହିତାଧିକାରୀଙ୍କୁ ଯାଞ୍ଚ୍ କରିବେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଓ କାର୍ଯ୍ୟକ୍ରମ ଅଧିକାରୀ (PO) ମଧ୍ୟ ପ୍ରତିମାସରେ ହିତାଧିକାରୀଙ୍କ ମଧ୍ୟରୁ ଯେ କୌଣସି ୨୦ଟି ହିତାଧିକାରୀଙ୍କୁ ଯାଞ୍ଚ୍ କରିବେ ।

୨୨.୮ ଅଙ୍ଗନୱାଡି କର୍ମୀ **report** କରିଥିବା ହିତାଧିକାରୀଙ୍କ ପାଇଁ ନିଜେ ଦାୟୀ ରହିବେ । ସମସ୍ତ ସର୍ତ୍ତ ପୂରଣ କରୁଥିବା ହିତାଧିକାରୀଙ୍କ ନାମ ପଠାଇବା ତାଙ୍କର ଦାୟିତ୍ୱ । ଯଦି ଅଙ୍ଗନୱାଡ଼ି କର୍ମୀ ଜାଣିଶୁଣି ହିତାଧିକାରୀଙ୍କ ସମ୍ପର୍କରେ ଭୁଲ୍ ତଥ୍ୟ ଦେଇ ଯୋଗ୍ୟ ବିବେଚିତ ନ ହେଉଥିବା ମହିଳାଙ୍କୁ ହିତାଧିକାରୀଭାବେ ଚୟନ କରିଥାନ୍ତି ତେବେ ତାଙ୍କ ବିରୁଦ୍ଧରେ ତୁରନ୍ତ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ହିତାଧିକାରୀଙ୍କ ଠାରୁ ପ୍ରାପ୍ୟ ଅର୍ଥ ତୁରନ୍ତ ଫେରସ୍ତ ଅଣାଯିବ ।

୨୨.୯ ଯଦି ଜଣେ ହିତାଧିକାରୀ ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ରରେ ନାମ ପଞ୍ଜୀକୃତ କରିଛନ୍ତି, କିନ୍ତୁ ସେବା ଗୁଡିକ ଅନ୍ୟ ଅଙ୍ଗନୱାଡ଼ି କେନ୍ଦ୍ରରେ ଗ୍ରହଣ କରିଛନ୍ତି ତେବେ ଯେଉଁଠାରେ ସେ ପ୍ରଥମେ ନାମ ପଞ୍ଜୀକୃତ କରିବେ ତାଙ୍କର ନାମ ସେହି କେନ୍ଦ୍ରରୁ ସିଡିପିଓଙ୍କ ପାଖକୁ ଯିବ । ଏହାଦ୍ୱାରା ଜଣେ ମହିଳାଙ୍କୁ କେବଳ ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ରରୁ ଏହି ଯୋଜନାର ଅର୍ଥ ମିଳିବା ନିଶ୍ଚିତ କରିହେବ ।

୨୨.୧୦ ଏହି ଯୋଜନାରେ ପ୍ରସ୍ତୁତ କରାଯାଇଥିବା ଫର୍ମାଟରେ ପ୍ରସବ ତାରିଖ, ଶିଶୁର ଲିଙ୍ଗ, ଓଜନ ଇତ୍ୟାଦି ଲେଖା ହୋଇ ସାବଧାନତାର ସହିତ ପୂରଣ ହେବ । ଯେପରି କୌଣସି ଯୋଗ୍ୟ ହିତାଧିକାରୀ ଯୋଜନାର ସୁବିଧା ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ।

୨୨.୧୧ ଗ୍ରାମ୍ୟ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ଦିବସ ଓ ସ୍ଥିରୀକୃତ ପ୍ରତିଷେଧକ ଦିବସ ଗୁଡ଼ିକ ସୁଦୃଢ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ଯୋଜନାରେ ଥିବା ଅନେକ ସର୍ତ୍ତ ଗ୍ରାମ୍ୟ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ଦିବସରେ ପୂରଣ ହୋଇପାରିବ । ସ୍ୱାସ୍ଥ୍ୟକର୍ମୀ ନିଶ୍ଚିତ କରିବେ ଯେ vaccine, IFA ଓ Calcicum ବଟିକା ଯଥେଷ୍ଟ ପରିମାଣରେ ଗଚ୍ଛିତ ଅଛି ଏବଂ ସମସ୍ତ ଗର୍ଭବତୀ ମହିଳା ପ୍ରସବ ପୂର୍ବବର୍ତ୍ତୀ ଯତ୍ନ ଓ ପରାମର୍ଶ ଗ୍ରହଣ କରିଛନ୍ତି ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଦିବସର ଯଥେଷ୍ଟ ପୂର୍ବରୁ ଏହା ପ୍ରଚାର କରାଯାଇଥିବ ଯେପରି ସମସ୍ତ ଗର୍ଭବତୀ ଓ ପ୍ରସୂତି ମହିଳା ଗ୍ରାମ୍ୟ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ଦିବସ ବିଷୟରେ ଜାଣିପାରିବେ ।

୨୨.୧୨ ଏହି ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀ ସେମାନଙ୍କର ମା' ଓ ଶିଶୁ ସୁରକ୍ଷା କାର୍ଡ ସାଙ୍ଗରେ ଧରି ଗ୍ରାମ୍ୟ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପରିମଳ ଦିବସକୁ ଆସିବେ ଓ ସେହିଦିନ ସ୍ୱାସ୍ଥ୍ୟକର୍ମୀ ଯୋଗାଇ ଦେଇଥିବା ସେବା ସହ ହିତାଧିକାରୀଙ୍କ ଦସ୍ତଖତ ଓ ତାରିଖ ଲିପିବଦ୍ଧ ହେବ । ସ୍ୱାସ୍ଥ୍ୟକର୍ମୀ ଏହି ସେବା ଯୋଗାଣ ବିଷୟରେ ନିଶ୍ଚିତ କରିବେ ।

୨୨.୧୩ ଜିଲ୍ଲାରେ ଥିବା DPMU (ମମତା) ଜିଲ୍ଲାପାଳଙ୍କ ସଂପୂର୍ଣ୍ଣ ତଦାରଖରେ ଜିଲ୍ଲାରେ କାମ କରିବ । ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଯୋଜନାଟି କାର୍ଯ୍ୟକାରୀ ହେଉଛି ତାହା ନିଶ୍ଚିତ କରିବା DPMU (ମମତା)ର ଦାୟିତ୍ୱ ।

୨୨.୧୪ ଅଭିଯୋଗଗୁଡ଼ିକୁ ପଞ୍ଜୀକୃତ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ (୧୮୧) ଦେୟମୁକ୍ତ ନମ୍ବର ରହିବ । ଏହି ନମ୍ବର ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ର, ବ୍ଲକ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଇତ୍ୟାଦିରେ ବହୁଳ ଭାବରେ ପ୍ରଚାର ହେବା ସହିତ ଅଙ୍ଗନୱାଡ଼ି କେନ୍ଦ୍ର ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବ ।

୨୨.୧୫ ଜିଲ୍ଲା ସ୍ତରରେ ଏହି କାର୍ଯ୍ୟକ୍ରମର ସୁପରିଚାଳନା ଜିଲ୍ଲାପାଳଙ୍କର ମୋଟାମୋଟି ଦାୟିତ୍ୱ । ସେ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପୁଙ୍ଖାନୁପୁଙ୍ଖ ଭାବରେ ସମୀକ୍ଷା କରିବେ । ଏହି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ଜିଲ୍ଲା ସ୍ତରରେ District Project Management Unit (DPMU) ସହାୟକ ହେବେ ।

୨୨.୧୬ ସେ ଜିଲ୍ଲାରେ ବ୍ୟାଙ୍କ୍ ଗୁଡ଼ିକର ବୈଠକ ଡକାଇ ଏହା ନିଶ୍ଚିତ କରିବେ ଯେ ହିତାଧିକାରୀମାନେ ବ୍ୟାଙ୍କ୍‌ରେ ଶୂନ୍ୟ ଆକାଉଣ୍ଟ୍ ଖୋଲିବେ ଏବଂ ଏହା ସଙ୍ଗେ ସଙ୍ଗେ ତାଙ୍କୁ ବ୍ୟାଙ୍କ୍ ପାସ୍ ବହି ପ୍ରଦାନ କରାଯିବ । ସେ ବିଭାଗ ମାନଙ୍କ ମଧ୍ୟରେ ସମନ୍ୱୟ

ରକ୍ଷା ପାଇଁ ପ୍ରତ୍ୟେକ ମାସରେ ବୈଠକ ଡକାଇ ମା' ଓ ଶିଶୁ ସୁରକ୍ଷା କାର୍ଡ, IFA ଓ Calcicum ବଟିକା, vaccine ଯୋଗାଣ ଏବଂ ICDS ଓ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଅନ୍ୟାନ୍ୟ ସେବା ପ୍ରଦାନର ତଦାରଖ କରିବେ ।

୨୨.୧୭ ଜିଲ୍ଲାପାଳ ଜିଲ୍ଲାସ୍ତରରେ ଅପବ୍ୟବହାରର ସମ୍ଭାବନାକୁ ପ୍ରତିରୋଧ କରିବାପାଇଁ PMU (ମମତା)ର ସହାୟତାରେ ନିୟମିତ audit କରାଇବେ ।

୨୨.୧୮ ଜିଲ୍ଲାପାଳ କୌଣସି ପଦବୀ ଖାଲି ରହିଲେ କର୍ମଚାରୀ ନିୟୋଜନ ପାଇଁ ତୁରନ୍ତ ପଦକ୍ଷେପ ନେବେ ।

୨୨.୧୯ ଜିଲ୍ଲାପାଳ ନିର୍ଘଣ୍ଟ ଅନୁଯାୟୀ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବେ । କ୍ଷେତ୍ର ପରିଦର୍ଶନ ବିବରଣୀକୁ ଆଧାର କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବେ ଏବଂ ପ୍ରତ୍ୟେକ ମାସରେ ଏହି କାର୍ଯ୍ୟକ୍ରମର ସମୀକ୍ଷା କରିବେ ।

୨୨.୨୦ ପ୍ରତି ମାସ ଏହି ଯୋଜନାର କାର୍ଯ୍ୟକାରିତାର ଅଗ୍ରଗତିର ସମୀକ୍ଷା ଜିଲ୍ଲାପାଳଙ୍କ ଦ୍ୱାରା ନିଶ୍ଚିତ ଭାବେ କରାଯିବା ଆବଶ୍ୟକ ।

## ୨୩. ଅଭିଯୋଗର ଶୁଣାଣି :-

୨୩.୧ ମମତା ଯୋଜନା ସମ୍ପର୍କିତ ଅଭିଯୋଗ କିମ୍ବା ଅସୁବିଧାଗୁଡ଼ିକୁ ପଞ୍ଜିକୃତ କରିବା ପାଇଁ ୧୮୧ helpline ନମ୍ବରକୁ ବ୍ୟବହାର କରାଯିବ ।

୨୩.୨ ଏହା ବ୍ୟତୀତ ଅଭିଯୋଗଗୁଡିକ ଯାଞ୍ଚ୍ କମିଟି ବୈଠକରେ ଆଲୋଚନା କରାଯିବ । ଅଙ୍ଗନୱାଡ଼ି କେନ୍ଦ୍ରରେ ପ୍ରଦର୍ଶିତ ହେଉଥିବା କ୍ୟାଲେଣ୍ଡରରେ ଯାଞ୍ଚ୍ କମିଟିର ସଭାପତି/ ସମ୍ପାଦକ ପ୍ରତ୍ୟେକ ମାସରେ ନିଶ୍ଚିତ ଭାବରେ ଦସ୍ତଖତ କରିବେ । ଅଙ୍ଗନୱାଡ଼ି କର୍ମୀ ହିତାଧିକାରୀମାନଙ୍କର ସମସ୍ତ ତଥ୍ୟ ଯାଞ୍ଚ୍ କମିଟି, ଗାଁ କଲ୍ୟାଣ ସମିତି ଓ ପଞ୍ଚାୟତିରାଜ ଅନୁଷ୍ଠାନର ସଭ୍ୟମାନଙ୍କ ସହିତ ଆଲୋଚନା କରିବେ । ଅଙ୍ଗନୱାଡ଼ି କର୍ମୀ ଓ ମିନି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀଙ୍କ ଦ୍ୱାରା ବଛାଯାଇଥିବା ହିତାଧିକାରୀଙ୍କ ତାଲିକା ମାତ୍ର କମିଟିକୁ ମଧ ଜଣାଇ ଦିଆଯିବ ।

୨୩.୩ ଏହି ଯୋଜନା ପାଇଁ ଯୋଗ୍ୟତା ଏବଂ ହିତାଧିକାରୀମାନଙ୍କ ତାଲିକା, ପ୍ରାପ୍ୟ ଅଙ୍ଗନୱାଡି କେନ୍ଦ୍ର/ ମିନି ଅଙ୍ଗନୱାଡି କେନ୍ଦ୍ର ସ୍ତରରେ ପ୍ରଦର୍ଶନ କରାଯିବ । ଗ୍ରାମ ସଭା ଓ ପଞ୍ଚାୟତ ସଭାରେ ଏହି ଯୋଜନା ଏକ ବିଷୟ ବସ୍ତୁ ଭାବରେ ସ୍ଥାନ ପାଇବ ।

୨୩.୪ ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ ଥିବା ମହିଳା ସ୍ୱୟଂ ସହାୟକ ଦଳର ମହାସଂଘ ଗୁଡିକ ଏହି ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିବେ ଏବଂ ଯୋଜନା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବେ ।

୨୩.୫ ଜରୁରୀ ଆବଶ୍ୟକ ହେଲେ ସରକାର ପୁରୁଣା guidelines କୁ ଅନୁସରଣ କରିବା ପାଇଁ କିମ୍ବା guidelines ରେ ଅର୍ନ୍ତଭୁକ୍ତ ନ ଥିବା ନୂଆ ନିର୍ଦ୍ଦେଶ ଦେଇପାରନ୍ତି କିମ୍ବା ବର୍ତ୍ତମାନ guidelines କୁ ସଂଶୋଧନ କରିପାରନ୍ତି ।

❁❁❁